## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜଧାନୀ ମହୋତ୍ସବ, ଭଞ୍ଜ କଳା ମଣ୍ଡପ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୪୮ତମ ଶ୍ରାଦ୍ଧୋତ୍ସବ, ଏଜି ଛକ ପାଖ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ପୂର୍ବାହ୍ନ ୧୧ଟା।
- ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ପକ୍ଷରୁ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା।
- ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ଅରୁଣ କୁମାର ମହାନ୍ତିଙ୍କ ୩ଟି ପୁସ୍ତକ ଲୋକାର୍ପଣ, ଗୁରୁ କେଳୁଚରଣ ମେମୋରିଆଲ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା।

**କଟକ**

- ନୂତନ ଦୁର୍ଗା ମଣ୍ଡପ ପ୍ରତିଷ୍ଠା ଉତ୍ସବ ନିମନ୍ତେ ଦଶମୀ ପୂଜା, ବଙ୍ଗାଳି ସାହି, ସକାଳ ୮ଟା।
- ଦଳିତଙ୍କ ଜମିରେ ବେଆଇନ ନିର୍ମାଣ ବିରୋଧରେ ଦାବିପତ୍ର ପ୍ରଦାନ, ଡିସିପିଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଜାତୀୟ ଆଦିବାସୀ ମେଳାର ୬ଷ୍ଠ ଦିବସ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୪ଟା।
- ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୩ତମ ଜୟନ୍ତୀ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।
- ଅନନ୍ତ ଗୋପାଳ ଜୀଉ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ଜଗନ୍ନାଥ ମନ୍ଦିର, ଅଲିଶା ବଜାର, ସନ୍ଧ୍ୟା ୭ଟା।

**ତିଗିରିଆ**

- ମହିମା ସାଗରଙ୍କ ୩ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଆରମ୍ଭ, କାଳିବିର ଗ୍ରାମ, ସକାଳ ୭ଟା।

**ବାଲିଅନ୍ତା**

- ଶ୍ରୀସ୍ୱପ୍ନେଶ୍ୱର ମହାଦେବଙ୍କ ଚନ୍ଦନ ମହୋତ୍ସବ-୨୦୨୨ ଉପଲକ୍ଷେ ଫ୍ରି-ସେଲ୍‌ରେ ଅପେରା ପରିବେଷଣ, ହରିଦାସପୁର, ଶ୍ରୀସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣ, ରାତି ୧୧ଟା ୩୦।

# ୨୨ ସର୍ତ୍ତରେ ଖୋଲିବ 'ଖାଓଗଳି'

ଭୁବନେଶ୍ୱର, ୨୪।୫(ବ୍ୟୁରୋ)



- ମେୟରଙ୍କ ଚଢ଼ାଉ ପରେ ସିଲ୍ କରାଯାଇଥିଲା
- ଏଣିକି ନିଜ ବ୍ୟବସାୟ ସ୍ଥାନକୁ ଭଡ଼ା ଦେବା ମନା
- ସିକ୍ୟୁରିଟି ପାଇଁ ୨୫ ହଜାର ଓ ମାସିକ ୬ହଜାର ଟଙ୍କା ସର୍ଭିସ ଚାର୍ଜ

୨ ସପ୍ତାହ ଧରି ବନ୍ଦ ରହିବା ପରେ ଏବେ ପୁଣି ଖୋଲିବ ଭୁବନେଶ୍ୱରର ସ୍ୱତନ୍ତ୍ର ଖାଦ୍ୟ ବଜାର 'ଖାଓଗଳି'। ଅସ୍ୱାସ୍ଥ୍ୟକର ପରିବେଶ ଓ ଜବରଦଖଲ ଅଭିଯୋଗ ନେଇ ମେୟରଙ୍କ ଅତର୍କିତ ଚଢ଼ାଉ ପରେ ଗତ ୧୧ ତାରିଖରେ ଖାଓଗଳି ସିଲ୍ ହୋଇଥିଲା। ଏବେ ବଜାର ଖୋଲିବାକୁ ଅନୁମତି ଦେଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏଥିପାଇଁ ୨୨ ସର୍ତ୍ତ ରଖାଯାଇଛି। ସଂପୃକ୍ତ ବ୍ୟବସାୟୀଙ୍କୁ ନେଇ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ ଏକ ବୈଠକ ବସି ଏ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ତେବେ ବିଏମ୍‌ସିର ସମସ୍ତ ସର୍ତ୍ତ ପାଳନ କରିବାକୁ ବ୍ୟବସାୟୀମାନେ ସହମତି ପ୍ରକାଶ କରିବା ପରେ ବିଏମ୍‌ସି ସହ ଚୁକ୍ତି କରିଛନ୍ତି। ଏଣିକି ସର୍ତ୍ତ ଅନୁସାରେ ଅସ୍ଥାୟୀ ଭାବେ ଖାଓଗଳିରେ ବ୍ୟବସାୟ କରିବେ ଆବଣ୍ଟନଗ୍ରାହୀ ବ୍ୟବସାୟୀ। ଚୁକ୍ତି ଅନୁସାରେ, କୌଣସି ବ୍ୟବସାୟୀ ନିଜର ବ୍ୟବସାୟ ସ୍ଥାନକୁ ଭଡ଼ା, ବିକ୍ରୟ ବା ଅନ୍ୟ କୌଣସି ସୂତ୍ରରେ ଦେଇପାରିବେ ନାହିଁ। ପ୍ରତ୍ୟେକ ବ୍ୟବସାୟୀଙ୍କୁ ସିକ୍ୟୁରିଟି ଡିପୋଜିଟ୍ ଆକାରରେ ୨୫ ହଜାର ଟଙ୍କା ଏବଂ ସର୍ଭିସ୍ ଚାର୍ଜ ଆକାରରେ ମାସିକ ୬ହଜାର ଟଙ୍କା ଦେବାକୁ ପଡ଼ିବ। ଏହି ଦେୟର ନିୟମ ଚଳିତବର୍ଷ ମେ ୧ରୁ ଲାଗୁହେବ। ସ୍ଥାନକୁ ଶୃଙ୍ଖଳିତ କରିବା ପାଇଁ ବ୍ୟବସାୟୀଙ୍କ ଖାଦ୍ୟ ଗାଡ଼ି ଅପରାହ୍ନ ୫ଟା ୩୦ରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲି ପାରିବ। ପ୍ରତି ମାସର ୫ ତାରିଖରେ ଆଗାମୀ ମାସ ପାଇଁ ସର୍ଭିସ୍ ଚାର୍ଜ ଦେବେ। ପ୍ରତ୍ୟେକ ବ୍ୟବସାୟୀ ଏଫ୍‌ଏସ୍‌ଏସ୍‌ଏଆଇ ପ୍ରମାଣପତ୍ର ଓ ଟ୍ରେଡ୍ ଲାଇସେନ୍ସ ରଖିବାକୁ ବାଧ୍ୟ। ମିଳିଥିବା ସ୍ଥାନ ପରିବର୍ତ୍ତନ କରିବେ ନାହିଁ। ଗାଡ଼ି ବାହାରେ ଖାଦ୍ୟ ପ୍ରସ୍ତୁତ କରିପାରିବେ ନାହିଁ। ପ୍ରତି ଦୋକାନ ଆଗରେ ଓଦା ଏବଂ ଶୁଖିଲା ଡଷ୍ଟବିନ ରହିବ ଓ ସରକାରଙ୍କ ଦ୍ୱାରା ନିଷିଦ୍ଧ ପ୍ଲାଷ୍ଟିକ୍ ଦ୍ରବ୍ୟ ଏବଂ ପଲିଥିନ୍ ଇତ୍ୟାଦି ବ୍ୟବହାର କରିବେ ନାହିଁ। କୌଣସି ନିୟମର ଅମାନ୍ୟ କଲେ ବିଏମ୍‌ସି ଅନୁମୋଦନ ରଦ୍ଦ ସହ ଦଣ୍ଡବିଧାନ କରାଯିବ। ଉଲ୍ଲଂଘନକାରୀଙ୍କୁ ଅନ୍ୟ କୌଣସି ସ୍ଥାନରେ ବ୍ୟବସାୟ କରିବାକୁ ଅନୁମୋଦନ ଦିଆଯିବ ନାହିଁ ବୋଲି ବୈଠକରେ ସ୍ଥିର ହୋଇଛି।

ଖାଓଗଳିରେ ମୋଟ ୩୧ଜଣ ବ୍ୟବସାୟୀ ରହିଥିବାବେଳେ ବୈଠକରେ ୨୫ଜଣ ଯୋଗ ଦେଇଥିଲେ। ୧୦ଦିନ ମଧ୍ୟରେ ବିଏମ୍‌ସି ଦ୍ୱାରା ଧାର୍ଯ୍ୟ ନିୟମ ଅନୁସାରେ ବ୍ୟବସାୟ କରିବେ ବୋଲି ସେମାନେ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ମେୟର ସୁଲୋଚନା ଦାସ ଉପସ୍ଥିତ ରହି କହିଲେ, ସୁନ୍ଦର, ସ୍ୱାସ୍ଥ୍ୟପ୍ରଦ, ପାରମ୍ପରିକ ତଥା ଆଧୁନିକ ଢଙ୍ଗର ଖାଦ୍ୟ ବଜାର ସଂଗଠିତ ଭାବରେ ଚାଲିବା ସହ ସହରର ମାନ ବଢ଼ାଇବା ପାଇଁ ଖାଓଗଳି ଭଳି ସ୍ଥାନ ସୃଷ୍ଟି କରାଯାଇଛି। ଏହାର ମର୍ଯ୍ୟାଦା ବଢ଼ାଇବାରେ ବ୍ୟବସାୟୀମାନେ ମୁଖ୍ୟ ଭାଗୀଦାର। ତେଣୁ ଏହାକୁ ବ୍ୟବସ୍ଥିତ କରାଇବା ପାଇଁ ବିଏମ୍‌ସିର ନିୟମ ଅନୁସାରେ ଆଲର୍ଟିମାନେ ନିଜର ଖାଦ୍ୟ ଗାଡି ଲଗାଇ ବ୍ୟବସାୟ କରିପାରିବେ ବୋଲି ସେ କହିଥିଲେ। ବୈଠକରେ ଅତିରିକ୍ତ କମିଶନର ବିନୟ କୁମାର ଦାସ, ଉପ ଆୟୁକ୍ତ ମାର୍କେଟ୍ ପ୍ରମୋଦ କୁମାର ପୃଷ୍ଟି, ଜୋନାଲ୍ ଡେପୁଟି କମିଶନର ପୁରନ୍ଦର ନନ୍ଦ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ, ଲାଇସେନ୍ସ ଆଣ୍ଡ ଆପିଲ୍ସ କମିଟିର ଚେୟାରମ୍ୟାନ୍ ପ୍ରେମାନନ୍ଦ ଜେନା ଉପସ୍ଥିତ ଥିଲେ।

## ଦର୍ଶକଙ୍କ ହୃଦୟ ଜିଣିଲା ଜନଜାତି ନୃତ୍ୟ




ଭୁବନେଶ୍ୱର, ୨୪।୫(ବ୍ୟୁରୋ)

**ସରିଲା ରାଜ୍ୟସ୍ତରୀୟ ଆଦିମ ଜନଜାତି ମହୋତ୍ସବ**

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଆଦିବାସୀ ଜନଜାତିଙ୍କ ବିଭିନ୍ନ ନୃତ୍ୟକୁ ଦର୍ଶକ ଉପଭୋଗ କରିଥିଲେ। ଦ୍ୱିତୀୟ ତଥା ଶେଷ ସନ୍ଧ୍ୟାରେ ଲାଞ୍ଜିଆ ସଉରାଙ୍କ ବେଷ୍ଟ ନୃତ୍ୟ ବିଶେଷ ଆକର୍ଷଣ ସାଜିଥିଲା। ଏହି ନୃତ୍ୟରେ ପୁରୁଷ ଏବଂ ମହିଳାମାନେ ଏକତ୍ର ବାଦ୍ୟ ଓ ସଂଗୀତର ତାଳେ ତାଳେ ନୃତ୍ୟ କରିଥିଲେ। ଲୋଧା ଜନଜାତିଙ୍କ ଏକ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ରହିଛି। ଲୋଧା କଳାକାରଙ୍କ ଝୁମର ନୃତ୍ୟ ନିଆରା ପରିବେଶ ସୃଷ୍ଟି କରିଥିଲା। କଳାକାରମାନେ ଝୁମ୍-ଝୁମ୍ ଶବ୍ଦ କରି ଅତି ସୁନ୍ଦର ଭଙ୍ଗୀରେ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଡଙ୍ଗରିଆ ଓ କୁଟିଆ କନ୍ଧଙ୍କ ଧାଙ୍ଗଡ଼ା-ଧାଙ୍ଗଡ଼ୀ ନୃତ୍ୟ, ଜୁଆଙ୍ଗ ଜନଜାତିଙ୍କ ନାଙ୍କୁ ନୃତ୍ୟ, ପାଉଡ଼ି ଭୂୟାଁଙ୍କର ବିସ୍‌ରୀ ନୃତ୍ୟ, ଚନ୍ଦ୍ରଗିରିର ସଉରା ଜନଜାତିଙ୍କ ବଇତି ନୃତ୍ୟ ଦର୍ଶକଙ୍କ ହୃଦୟ ଜିଣିଥିଲା। ଚଳିତବର୍ଷ ଏହି ମହୋତ୍ସବରେ ଓଡ଼ିଶାର ୧୩ ପ୍ରକାରର ଆଦିମ ଜନଜାତିଙ୍କ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

## ସମ୍ବଲପୁରରେ ହେବ ବିଜ୍ଞାନ କଂଗ୍ରେସ

ଭୁବନେଶ୍ୱର, ୨୪।୫ (ବ୍ୟୁରୋ)

ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ଏବଂ ଛାତ୍ରୀଛାତ୍ରଙ୍କୁ ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ କରି ବିଜ୍ଞାନର ବିଭିନ୍ନ ଦିଗନ୍ତରେ ଘଟୁଥିବା ଅଗ୍ରଗତି ଓ ସଫଳତା ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ୧୯୯୭ରୁ ଆୟୋଜିତ ହୋଇଆସୁଥିବା ଏହି କଂଗ୍ରେସର ୨୩ତମ ଅଧିବେଶନ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ଓଡ଼ିଶା ପରିବେଶ ସମିତି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ନଭେମ୍ବର ୨୬ ଓ ୨୭ ଦୁଇଦିନ ଧରି ଏହା ଆୟୋଜିତ ହେବ। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଭୂମିକା'। ଏଥିରେ ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ଏବଂ ତଜ୍ଜନିତ ପ୍ରାକୃତିକ ବିପର୍ଯ୍ୟୟର ବିଭିନ୍ନ ଦିଗ ଉପରେ ଅଧିକ ଆଲୋଚନା କରାଯିବ। ଏଥିସହ ବିଜ୍ଞାନ ଓ ପ୍ରଯୁକ୍ତିର ଉପଯୁକ୍ତ ପ୍ରୟୋଗ ଦ୍ୱାରା କିପରି ଏହାର ପ୍ରଭାବକୁ ପ୍ରତିହତ କରାଯାଇ ପାରିବ, ତାହା ଉପରେ ମତ ରଖିବେ ବିଶେଷଜ୍ଞ। ପାଞ୍ଚ ଶହରୁ ଅଧିକ ପ୍ରତିନିଧି ଏହି କଂଗ୍ରେସରେ ଯୋଗଦେବାର ଯୋଜନା ରହିଛି ବୋଲି ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜକ କମିଟିର ପ୍ରଥମ ଔପଚାରିକ ସଭା ଭର୍ଚୁଆଲରେ ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଆବାହକ ତଥା ସମିତ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଆବାହକ ତଥା ରସାୟନ ବିଜ୍ଞାନ ମୁଖ୍ୟ ପ୍ରଫେସର ଅମରେଶ ମିଶ୍ର ଏବଂ ଆୟୋଜନ ସମ୍ପାଦକ ତଥା ଜୈବପ୍ରଯୁକ୍ତି ବିଭାଗର ପ୍ରାଧ୍ୟାପିକା ଡ. ସ୍ମରଣିକା ପଟ୍ଟନାୟକ, ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରଫେସର ସୂର୍ଯ୍ୟ ନାରାୟଣ ନାୟକ, ଭୂବିଜ୍ଞାନ ମୁଖ୍ୟ ଡ. ଜଗଦୀଶ କୁମାର ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟ ଭୂବିଜ୍ଞାନ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ, ପରିବେଶ ସମିତିର ଉପ ସଭାପତି ଡ. ବିଜୟ କେତନ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପୂଜା


@ ରାମ୍


@ ସୁନୟନା


@ ସତ୍ୟଜିତ୍


@ ପ୍ରଶାନ୍ତ


@ ଚନ୍ଦନ

## ମାଟ୍ରିକ ଖାତା ଦେଖାରେ ଅନୁପସ୍ଥିତ ୫୧ ଶିକ୍ଷକଙ୍କ ୧୨ ଦିନର ଦରମା ବନ୍ଦ

**କଟକ ଅଫିସ,୨୪।୫:** ମେ' ୨୧ ତାରିଖରୁ ମାଟ୍ରିକ ପରୀକ୍ଷା ଖାତା ଦେଖା ଆରମ୍ଭ ହୋଇଛି। ତେବେ ଖାତା ଦେଖା ଦାୟିତ୍ୱରେ ଥିବା ଶିକ୍ଷକ କେନ୍ଦ୍ରରେ ଅନୁପସ୍ଥିତ ରହିବାରୁ ସେମାନଙ୍କ ଦରମା ବନ୍ଦ କରାଯାଇଛି। କଟକ ଜିଲାର ୪ଟି କେନ୍ଦ୍ରରେ ଖାତା ଦେଖା ଚାଲିଛି। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଏହି କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ୨୦ ତାରିଖରୁ ସୁଦ୍ଧା କେନ୍ଦ୍ରରେ ଯୋଗ ଦେବାକୁ କୁହାଯାଇଥିଲା। ହେଲେ ଜିଲାର ୫୧ ଜଣ ଅନେକ ଶିକ୍ଷକ କୌଣସି କାରଣ ନ ଦର୍ଶାଇ କେନ୍ଦ୍ରରେ ଅନୁପସ୍ଥିତ ରହିଛନ୍ତି। ସେଥିମଧ୍ୟରେ ରେଭେନ୍‌ଶା କଲିଜିଏଟ ସ୍କୁଲର ୧୬ ଜଣ, ନୂଆବଜାର ହାଇସ୍କୁଲର ୧୧, ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠର ୮ ଓ ସାଲେପୁର ହାଇସ୍କୁଲର ୧୬ ଜଣ ଶିକ୍ଷକ ରହିଛନ୍ତି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ମେ' ୨୦ରୁ ୩୧ ତାରିଖ ପର୍ଯ୍ୟନ୍ତ ୧୨ ଦିନର ଦରମା ବନ୍ଦ କରାଯାଇଛି। ତେବେ ଜିଲାରେ ଏତେ ସଂଖ୍ୟକ ଶିକ୍ଷକ ଅନୁପସ୍ଥିତ ରହିବାରୁ ଠିକ୍ ସମୟରେ ଖାତା ଦେଖା ସରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଅନୁପସ୍ଥିତ ରହିବାର କାରଣ ଜଣାଇବାକୁ କଟକ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ମଙ୍ଗଳବାର ଏକ ବିଜ୍ଞପ୍ତି ଜାରି କରିଛନ୍ତି।

## ବୌଦ୍ଧ ଐତିହ୍ୟକୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଭାରତୀୟ ଲୋକ ପ୍ରଶାସନ ଅନୁଷ୍ଠାନ (ଆଇଆଇପିଏ) ଓଡ଼ିଶା ଶାଖା ପକ୍ଷରୁ ମଙ୍ଗଳବାର 'ଓଡ଼ିଶାର ବୌଦ୍ଧ ଐତିହ୍ୟ'କୁ ନେଇ ସ୍ୱତନ୍ତ୍ର ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ପୂର୍ବତନ ଶିକ୍ଷା ସଚିବ ତଥା ଆଇଆଇପିଏ ଓଡ଼ିଶା ଶାଖାର ଅଧ୍ୟକ୍ଷ ଡ. ଅରୁଣ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାର ବୌଦ୍ଧ ଐତିହ୍ୟକୁ ନେଇ ଆମ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ଏଥିସହ ଏ ସମ୍ପର୍କିତ ଗବେଷଣା ଲୋକଲୋଚନକୁ ଆସିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ନୌବାଣିଜ୍ୟ ଓ ଦକ୍ଷିଣ-ପୂର୍ବ ଏସୀୟ ଅଧ୍ୟୟନ ଅନୁଷ୍ଠାନର ସଚିବ ଡ. ସୁନୀଲ କୁମାର ପଟ୍ଟନାୟକ କହିଲେ, ପ୍ରତ୍ନତାତ୍ତ୍ୱିକ ଖନନ ଓ ଗବେଷଣା ଦ୍ୱାରା ଓଡ଼ିଶାର ଲଳିତଗିରି, ରତ୍ନଗିରି, ଉଦୟଗିରି, ଧଉଳିଗିରି, ରାଧାନଗର, ଯାଜପୁର, ବାଲେଶ୍ୱର, ଭଦ୍ରକ, କୋଣାର୍କ, ଜଗତ୍‌ସିଂହପୁର, ତାରାପୁର, ଧର୍ମଶାଳା, ବରଗଡ଼ ଓ ସାଲେପୁର ଆଦି ଅଞ୍ଚଳରେ ପ୍ରାୟ ୨୫୯ଟି ବୌଦ୍ଧ ଐତିହ୍ୟ ସମ୍ପର୍କରେ କହିବା ସହ ଏହାର ଐତିହାସିକ ତଥ୍ୟ ଉପସ୍ଥାପନ କରିଥିଲେ। କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବୌଦ୍ଧ ଧର୍ମର ତତ୍ତ୍ୱ ଓ ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ତଥା ବୌଦ୍ଧ କିର୍ତ୍ତୀରାଜି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ବିମଳ ଚନ୍ଦ୍ର ସ୍ୱାଇଁଙ୍କ ପୁସ୍ତକ 'ଶିକ୍ଷା ଓ ନାରୀ ସଶକ୍ତୀକରଣ' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଧ୍ୟାପକ ଡ. ଚକ୍ରଧର ବେହେରା, ଡ. ସମ୍ବରୁ ସୋଭରା ଓ ମୋନାଲିସା ବିଶ୍ୱାଳ ପରିଚାଳନା କରିଥିଲେ। ଆଇଆଇପିଏ ଓଡ଼ିଶା ଶାଖାର ସମ୍ପାଦକ ଅଶୋକ ମହାପାତ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପକ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଦେଇଥିଲେ।

## ଶ୍ରୀଲିଙ୍ଗରାଜଙ୍କ ଚାପକ୍ରୀଡ଼ା ସରିଲା

ପୁରୁଣା ଭୁବନେଶ୍ୱର,୨୪।୫(ଡି.ଏନ୍.ଏ.)

ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଶ୍ରୀଲିଙ୍ଗରାଜଙ୍କ ୨୨ଦିନିଆ ଚାପକ୍ରୀଡ଼ା ସହ ହଳଦୀପାଣି କାର୍ଯ୍ୟ ମଙ୍ଗଳବାର ଶେଷ ହୋଇଛି। ପ୍ରାତଃରୁ ମଙ୍ଗଳ ଆଳତି, ଅବକାଶ, ସାହାଣମେଲା ଦର୍ଶନ ଆଦି ନୀତି ପରେ ଅପରାହ୍ନରେ ବିଧିଁ ବିମାନ ଓ ପାଲିଙ୍କିରେ ବିଜେ କରିଥିଲେ। ଚାପ ଡଙ୍ଗାରେ ଶ୍ରୀଜୀଉମାନଙ୍କୁ ବିନ୍ଦୁସାଗରର ମଠ ଘାଟଠାରେ ପୂଜାର୍ଚ୍ଚନା, ଦୀପଦାନ, ଭୋଗ ଲାଗି ହୋଇଥିଲା। ଏହି ସମୟରେ ହିନ୍ଦୁ ଜାଗରଣ ମଞ୍ଚର ସଦସ୍ୟମାନେ ଡମ୍ବରୁ ଓ ଘଣ୍ଟର ତାଳେ ତାଳେ ଶ୍ରୀଲିଙ୍ଗରାଜଙ୍କ ଜୟ ଜୟକାର କରିଥିଲେ। ପରେ ନାଉରିଆ ସେବାୟତ ଚାପଡଙ୍ଗାକୁ ବିନ୍ଦୁସାଗର ଗର୍ଭକୁ ନେଇଥିଲେ। ଚାପଡଙ୍ଗାରେ ଜଗତି ଚତୁଃପାର୍ଶ୍ୱରେ ଅଷ୍ଟଶମ୍ଭୁଙ୍କ ନାମରେ ଭଉଁରି ଦିଆଯାଇଥିଲା। ପରେ ଶ୍ରୀଜୀଉମାନେ ଜଗତିକୁ ଆସିଥିଲେ। ସେଠାରେ ସିଂହାସନରେ ଠାକୁର ଉପବିଷ୍ଟ କରିଥିଲେ। ଦ୍ୱିପ୍ରହର ଧୂପ ସରିବା ପରେ ଠାକୁର, ଠାକୁରାଣୀଙ୍କୁ ଚନ୍ଦନ କୁଣ୍ଡରେ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ କରାଯାଇ ବେଶ କରାଯାଇଥିଲା। ସନ୍ଧ୍ୟା ଧୂପରେ ଦିଅଁଙ୍କୁ ମାଣ୍ଡୁଅ, କାକେରା, ସୋଧୂଅ ପିଠା ଲାଗି ହୋଇଥିଲା। ପୁନଃ ଚାପଡଙ୍ଗାରେ ବସି ଭଉଁରି ଖେଳି ବିଶ୍ରାମ ଘାଟକୁ ଆସିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସେବାୟତ ବିଶ୍ରାମ ଘାଟକୁ ହଳଦୀ ପାଣିରେ ସିଞ୍ଚନ କରିଥିଲେ। ପରେ ଶ୍ରୀଜୀଉ ଓ ଉପସ୍ଥିତ ସେବାୟତଙ୍କ ଉପରେ ହଳଦୀପାଣି ସିଞ୍ଚନପୂର୍ବକ ହଳଦୀପାଣି କାର୍ଯ୍ୟ ସମ୍ପନ୍ନ ହୋଇଥିଲା ବୋଲି ସେବାୟତ ତଥା ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ପୂଜାର୍ଚ୍ଚନା ପରେ ଶ୍ରୀଜୀଉମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।


ଆଡ୍‌ମିଶନ ଫି' ହଡ଼ପର ପ୍ରତିବାଦ ଓ ବିଭିନ୍ନ ଦାବିରେ ସ୍କୁଲ୍ ଅଫ୍ ନର୍ସିଂ ଆଣ୍ଡ ଆଲାଏଡ୍ ହେଲ୍‌ଥ ସାଇନ୍ସର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।


କଟକ ବାଲିଯାତ୍ରା ଉପର ପଡିଆରେ ଜାତୀୟ ଆଦିବାସୀ ମେଳାର ମଙ୍ଗଳବାର ଅନୁଷ୍ଠିତ ପଞ୍ଚମ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ।


ଚନ୍ଦନଯାତ୍ରାର ଶେଷ ଦିନରେ ମଙ୍ଗଳବାର ପୁରୁଣା ଭୁବନେଶ୍ୱରସ୍ଥିତ ଐତିହ୍ୟ ପୁଷ୍କରିଣୀ ବିନ୍ଦୁସାଗରରେ ପ୍ରଭୁ ଶ୍ରୀ ଲିଙ୍ଗରାଜ ଚାପ ଖେଳୁଛନ୍ତି।

## ସଂକ୍ଷେପରେ

### ପୂର୍ବତନ କର୍ପୋରେଟରଙ୍କ ନାଁରେ ବଳାତ୍କାର ମାମଲା

**କାର୍ଯ୍ୟାନୁଷ୍ଠାନ ପାଇଁ ଓଏସ୍‌ସିପିସିଆର୍‌ଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୨୪।୫(ବ୍ୟୁରୋ): ଭୁବନେଶ୍ୱରର ୬୫ ନଂ. ୱାର୍ଡର ପୂର୍ବତନ କର୍ପୋରେଟର କାର୍ତ୍ତିକ ସୁନ୍ଦରରାୟ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ଭରତପୁର ଥାନା ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)ଙ୍କ ନିକଟରେ ଅଭିଯୋଗ ହୋଇଛି। ମା'ଙ୍କ ଅଭିଯୋଗକ୍ରମେ ଭରତପୁର ଥାନା ପୋଲିସ ଆଇପିସିର ଦଫା ୩୭୬ ଓ ପୋକ୍‌ସୋ ଆକ୍ଟର ଦଫା ୪ରେ ଏକ ମାମଲା (ନଂ.୧୯୮/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କ ବୟାନ ରେକର୍ଡ ସହ ତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଅଭିଯୁକ୍ତ କାର୍ତ୍ତିକ ଫେରାର ଥିବାରୁ ତାଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି। ସେପଟେ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଏଥିସହ ପୋକ୍‌ସୋ ଆକ୍ଟର ସମସ୍ତ ସର୍ତ୍ତାବଳୀକୁ ଅନୁସରଣ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଭରତପୁର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଆୟୋଗ ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି। ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କ ପରିବାର ସହ କାର୍ତ୍ତିକଙ୍କ ଭଲ ସମ୍ପର୍କ ଥିଲା। ବିଭିନ୍ନ ସମୟରେ ସେ ନାବାଳିକାଙ୍କ ଘରକୁ ଆସୁଥିଲେ। ହେଲେ କେହି ନ ଥିବା ବେଳେ କାର୍ତ୍ତିକ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ ପରିବାର ଲୋକଙ୍କୁ ନ ଜଣେଇବାକୁ ନାବାଳିକାଙ୍କୁ କାର୍ତ୍ତିକ ଧମକ ଦେଉଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇ ଦେଇଥିଲେ। ପରିବାର ଲୋକେ ଶୁକ୍ରବାର ଥାନା ଏବଂ ଶନିବାର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଲ୍ଲେଖଯୋଗ୍ୟ, କାର୍ତ୍ତିକ ୨୦୦୯ରେ ବିଜେଡି ଟିକେଟ ପାଇ କର୍ପୋରେଟର ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ୨୦୨୨ ବିଏମ୍‌ସି ନିର୍ବାଚନରେ ଭାଜପାରୁ କର୍ପୋରେଟର ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ତେବେ ଅଭିଯୋଗ ପରେ କାର୍ତ୍ତିକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

### ୨ ଶିଶୁ ଶ୍ରମିକ ଉଦ୍ଧାର

**ନିଶ୍ଚିନ୍ତକୋଇଲି,୨୪।୫(ସ୍ୱ.ପ୍ର):** କଟକ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ଗ୍ରାମର ଜଣେ ବ୍ୟକ୍ତିଙ୍କ କୁକୁଡା ଫାର୍ମ ଉପରେ ମଙ୍ଗଳବାର ଚଢ଼ାଉ କରାଯାଇ ୨ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଭୟ ଶିଶୁ କେନ୍ଦୁଝର ଜିଲାର ବୋଲି ଜଣାପଡ଼ିଛି। ଫାର୍ମରେ ପନିପରିବା ଚାଷ ଓ ମାଛ ଚାଷ ତଦାରଖ ନିମନ୍ତେ ମାସିକ ବେତନ ହିସାବରେ ସେମାନଙ୍କୁ ରଖାଯାଇଥିଲା। କୌଣସି ସୂତ୍ରରୁ ଖବରପାଇ କଟକ ଜିଲା ଗ୍ରାମ୍ୟ ଶ୍ରମ ନିରୀକ୍ଷକ ସୁଶ୍ରୀ ସଙ୍ଗିତା ସ୍ୱାଇଁ ଓ ଜିଲା ଶିଶୁ ଅଧିକାରୀ ପ୍ରଗତି ମହାନ୍ତିଙ୍କ ନେତୃତ୍ୱରେ ୫ ଜଣିଆ ପ୍ରତିନିଧି ଦଳ ସେଠାରେ ଚଢ଼ାଉ କରିଥିଲା।

# ଆଧ୍ୟାତ୍ମିକ ସହର ଅସୁରକ୍ଷିତ

**ପୁରୀ ଅଫିସ, ୨୪।୫**

ଦିନକୁ ଦିନ ଆଧ୍ୟାତ୍ମିକ ସହର ପୁରୀ ଅଶାନ୍ତ ଏବଂ ଅସୁରକ୍ଷିତ ହୋଇପଡୁଛି। ପ୍ରାୟ ପ୍ରତିଦିନ ଦାଦାବଟି, ଲୁଟ୍, ବ୍ରାଉନସୁଗାର ଓ ଗଞ୍ଜେଇ କାରବାର ସମେତ ଅଧିକାଂଶ ସମୟରେ ଗୁଳିକାଣ୍ଡ ଘଟୁଛି। ଏଥିଯୋଗୁ ସହରବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଗତ ମାର୍ଚ୍ଚ ୧୬ରେ ସୁଆର ମହାସୁଆର ନିଯୋଗ ସମ୍ପାଦକ ତଥା ଶ୍ରୀମନ୍ଦିର ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀ (କାଳିଆ)ଙ୍କୁ ବାରବାଟୀ ଜାଗାଘର ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ମଙ୍ଗଳବାର ରାତିରେ ଏମାର ମଠ ନିକଟରେ ଶ୍ରୀଲୋକନାଥ ମନ୍ଦିର ଜଣେ ସେବାୟତଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସେହିପରି ବଳଗଣ୍ଡି ଛକସ୍ଥିତ ମାଉସୀ ମା' ମନ୍ଦିର ନିକଟରେ ବାସେଳି ସାହି ଅଞ୍ଚଳର ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କୁ ଛୁରାମାଡ଼ ହୋଇଛି। ଗୋଟିଏ ଦିନରେ ଦୁଇଟି ଘଟଣା ପୁରୀର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ପଦାରେ ପକାଇଛି। ଆଗକୁ ରଥଯାତ୍ରା ଓ ସ୍ନାନଯାତ୍ରା ଆସୁଛି। ଏଭଳି ସ୍ଥଳେ ଅପରାଧ ଥମିବାର ନାଁ ନେଉନାହିଁ। କେତେକ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେଉଥିଲେ ମଧ୍ୟ ଅପରାଧ ଉପରେ ରୋକ୍ ଲଗାଇପାରୁନାହିଁ। ପୁରୀ ଏବେ ଅପରାଧୀଙ୍କ ଚରାଭୂଇଁ ପାଲଟିଛି ଏବଂ ପୋଲିସକୁ ଅପରାଧୀମାନେ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ବୋଲି ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି। କଂଗ୍ରେସ ନେତା ଆଲୋକ କୁମାର ଦାଶ କହିଛନ୍ତି, ଶ୍ରୀମନ୍ଦିର ଚାରିପାଖରେ ମାଳମାଳ ପୋଲିସ। ତାହା ସତ୍ତ୍ୱେ ଏମାର ମଠ ସମ୍ମୁଖରେ ହତ୍ୟା ଘଟଣା ପୁରୀ ସହରବାସୀଙ୍କ ମଧ୍ୟରେ ଭୟ ସଞ୍ଚାର କରୁଛି। ପୋଲିସ ନିଜ କାର୍ଯ୍ୟ ସମ୍ପାଦନରେ ବିଫଳ ହୋଇଛି, ସେଥିପାଇଁ ଅପରାଧୀ ହତ୍ୟା କରିବାକୁ ସାହସ କରୁଛନ୍ତି। ରଥଯାତ୍ରା ଆସୁଥିବାରୁ ଲୋକେ ପୁରୀ ପୋଲିସକୁ ଏକ ଦାୟିତ୍ୱସମ୍ପନ୍ନ ଭୂମିକାରେ ଦେଖିବାକୁ ଚାହୁଁଛନ୍ତି। ମାତ୍ର ବିଡମ୍ବନା ଯେ, ପୁରୀ ଦିନକୁ ଦିନ କ୍ରାଇମ ସିଟିରେ ପରିଣତ ହେଉଛି। ସେହିଭଳି ଭାଜପା ଯୁବମୋର୍ଚ୍ଚା ଜୟନ୍ତ କୁମାର ଦାଶ କହିଛନ୍ତି, ପୁରୀ ସହରରେ ଏଭଳି ଦିନ ନାହିଁ ଯେଉଁଦିନ ହତ୍ୟା କିମ୍ବା ମରଣାନ୍ତକ ଆକ୍ରମଣ ନ ହେଉଛି। ମାରଣାସ୍ତ୍ର ଓ ବନ୍ଧୁକ ପୁରୀ ସହରରେ ଏବେ ସ୍ୱାଭାବିକ ହୋଇଗଲାଣି। ହତ୍ୟା ପଛର କାରଣ ଖୋଜି ପାଉ ପାଉ ଆଉ ଏକ ଅପରାଧ ଘଟୁଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ ବାସିନ୍ଦା ଅଭୟ ଅବିନାଶ ନାୟକ କହିଛନ୍ତି, ପୁରୀ ସହର ଅସୁରକ୍ଷିତ ହୋଇଗଲାଣି। ଏବେ ଘରୁ ବାହାରିବାକୁ ଡ଼ର ଲାଗୁଛି। ପୋଲିସ ପ୍ରଶାସନ ଚେଇଁ ଶୋଇଥିବା ପରି ମନେ ହେଉଛି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତକଙ୍କ ସହ ଶୋକାକୁଳ ଆତ୍ମୀୟସ୍ୱଜନ।



ଘଟଣାସ୍ଥଳରେ ଥିବା ମୃତକଙ୍କ ଗାଡ଼ି।

### ପୁରୀକୁ ବନ୍ଧୁକ ଆସୁଛି କେଉଁଠୁ

ହତ୍ୟାକାଣ୍ଡରେ ବନ୍ଧୁକର ବ୍ୟବହାର ବଢୁଥିବା ଦେଖିବାକୁ ମିଳୁଛି। ପୁରୀ ସହରକୁ ବନ୍ଧୁକ କେଉଁଠାରୁ ଆସୁଛି ତାହାକୁ ନେଇ ପ୍ରଶ୍ନ ଉଠୁଛି। ପୁରୀ ପୋଲିସ ଗଞ୍ଜେଇ, ବ୍ରାଉନସୁଗାର ଜବତ କରି ବାହାବା ସାଉଁଟୁଥିବା ବେଳେ ସହରରେ ବନ୍ଧୁକ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ପାରିବାରିକ ଗଣ୍ଡଗୋଳ ହେଉ କିମ୍ବା ବ୍ୟକ୍ତିଗତ ଶତ୍ରୁତା, ହତ୍ୟା ବେଳେ ବ୍ୟବହାର ହେଉଛି ବନ୍ଧୁକ। ପୁରୀ ସହରକୁ ବନ୍ଧୁକ ଚାଲାଣ ପଛରେ ଏକ ସକ୍ରିୟ ର‍୍ୟାକେଟ୍ କାର୍ଯ୍ୟ କରୁଛି। ଏପରି କି ଜିଲା ବାହାରେ ହେଉଥିବା ଅପରାଧ ପାଇଁ ମଧ୍ୟ ଜିଲାରୁ ବନ୍ଧୁକ ଯାଉଛି। ଅପରାଧୀମାନେ ବନ୍ଧୁକ ଆଣି ବେପାର କରିବା ସହ ଆବଶ୍ୟକ ସ୍ଥଳେ ବ୍ୟବହାର କରୁଛନ୍ତି। ଦାଦାବଟି ମାଗିବା ବେଳେ ଧମକାଇବା, ବ୍ରାଉନସୁଗାର ବେପାରକୁ ଚଳାଇବା ଓ ସବୁ ପ୍ରକାର ଆପରାଧିକ କାର୍ଯ୍ୟକଳାପରେ ବନ୍ଧୁକକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେହିଭଳି ପେଣ୍ଠକଟା ଦେଇ ସମୁଦ୍ର ରାସ୍ତାରେ ବନ୍ଧୁକ ସହର ମଧ୍ୟକୁ ଆସୁଛି। ପୋଲିସ ମେରାଇନ୍ ଅଞ୍ଚଳରେ ଠିକ ଭାବେ ଯାଞ୍ଚ କରୁନାହିଁ। ଫଳରେ ଅପରାଧୀମାନେ ଅନାୟାସରେ ବନ୍ଧୁକ ଚୋରାଚାଲାଣ କରୁଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ଜଣେ ବାସିନ୍ଦା ନାମ ଗୋପନ ରଖି କହିଛନ୍ତି।



ଓଡ଼ିଶା ପୋଲିସ ଅବସରପ୍ରାପ୍ତ କଲ୍ୟାଣ ସମିତି ପକ୍ଷରୁ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସଭାଗୃହରେ ରବିବାର ଆୟୋଜିତ 'ସାରସ୍ୱତ ଏବଂ ପ୍ରତିଭା ସମ୍ମାନ' ଉତ୍ସବରେ ଡିଜିପି ସୁନୀଲ କୁମାର ବଂଶଲ,ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସହ ସମ୍ବର୍ଦ୍ଧିତ ୧୧ ବ୍ୟକ୍ତିତ୍ୱ।

## 'ସ୍ୱତନ୍ତ୍ର ଡ୍ରାଇଭ ଜରିଆରେ ପୁରୁଣା ମାମଲା ବନ୍ଦ କର'

**ଡିଜିପିଙ୍କ ସମୀକ୍ଷା ବୈଠକ**

**କଟକ ଅଫିସ, ୨୪।୫**

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ସୁନୀଲ ବଂଶଲ ଯୋଗଦେଇ ଅପରାଧ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଏସ୍‌ଆର୍ ମାମଲାଗୁଡିକର ଠିକ୍ ତଦନ୍ତ କରିବାକୁ କହିଛନ୍ତି। ସେହିପରି ବିଚାରାଧୀନ ମାମଲାର ତଦନ୍ତ ସହ ପୁରୁଣା ମାମଲାଗୁଡିକ ସମାପ୍ତ ନିମନ୍ତେ ସ୍ୱତନ୍ତ୍ର ଡ୍ରାଇଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜବତ ଗାଡିଗୁଡିକର ଉପଯୁକ୍ତ ବିନିଯୋଗ, ମାଲଖାନାଗୁଡିକର କମ୍ପ୍ୟୁଟରୀକରଣ ଓ ଦଣ୍ଡବିଧାନ ହାର ବୃଦ୍ଧି ନିମନ୍ତେ ଜିଲାସ୍ତରରେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଡିଜିପି କହିଛନ୍ତି। ଏଥିସହ ଆଇନଶୃଙ୍ଖଳା, ଜରୁରିକାଳୀନ ସେବା ପାଇବା ପାଇଁ ଡାଏଲ-୧୧୨, ମୋ' ସରକାର, ଜନଶୁଣାଣି ସମ୍ପର୍କରେ ସମୀକ୍ଷା କରିଥିଲେ। ଏତଦ୍‌ବ୍ୟତୀତ ବ୍ରାଉନ୍‌ସୁଗାର ଓ ଗଞ୍ଜେଇ ଜବତ, ଏନ୍‌ଡିପିଏସ୍ ମାମଲାରେ ଜବତ ହୋଇଥିବା ଦ୍ରବ୍ୟ ଏବଂ ଗାଡିଗୁଡିକର ବିନିଯୋଗ ନିମନ୍ତେ ପ୍ରାକ୍ ବିଚାର ପ୍ରକ୍ରିୟା ଓ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ ସମ୍ପର୍କରେ ଡିଜିପି ସମୀକ୍ଷା କରିଥିଲେ। ଏହି ବୈଠକରେ ରାଜ୍ୟର ସମସ୍ତ ଆରକ୍ଷୀ ଅଧୀକ୍ଷକ, କଟକ ଓ ରାଉରକେଲାର ରେଳପଥ ଆରକ୍ଷୀ ଅଧୀକ୍ଷକ, ଭୁବନେଶ୍ୱର ଓ କଟକ ଡିସିପିଙ୍କ ସମେତ ସମସ୍ତ ରେଞ୍ଜ୍‌ର ଆଇଜି ଓ ଡିଆଇଜି, କଟକ-ଭୁବନେଶ୍ୱର ପୋଲିସ କମିଶନର, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ସମୀକ୍ଷା ବୈଠକରେ ଡିଜିପି ସୁନୀଲ ବଂଶଲଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ।

## ସେଲ୍ଫ ଫାଇନାନ୍ସିଂ କୋର୍ସ ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଦାବିପତ୍ର

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ସେଲ୍ଫ ଫାଇନାନ୍ସିଂ କୋର୍ସ ବନ୍ଦ ନିଷ୍ପତ୍ତି ବିରୋଧରେ ଏଆଇଏସ୍‌ଏଲଏଫ୍ ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସେଲ୍ଫ ଫାଇନାନ୍ସିଂ କୋର୍ସ ପାଠ୍ୟକ୍ରମରେ ଥିବା ଆସନ ସଂଖ୍ୟାର ୮୦% ହ୍ରାସ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଭୀର ନୈରାଶ୍ୟ ଦେଖାଦେଇଛି। ଏହାର ସୁଯୋଗ ନେଇ ଘରୋଇ ବିଶ୍ୱବିଦ୍ୟାଳୟଗୁଡିକ ଏହି ପାଠ୍ୟକ୍ରମର ଦେୟକୁ ଅଧିକ ମାତ୍ରାରେ ବୃଦ୍ଧି କରୁଛନ୍ତି। ଫଳରେ ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରର ମେଧାବୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏସବୁ ପାଠ୍ୟକ୍ରମକୁ ଦେୟମୁକ୍ତ ଓ ନିୟମିତ ପାଠ୍ୟକ୍ରମରେ ପରିଣତ କରିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଏଆଇଏସ୍‌ଏଫ୍ ରାଜ୍ୟ ଯୁଗ୍ମ ସମ୍ପାଦକ ବିବେକ କୃଷ୍ଣ, ମନୋଜ କର ଓ ସୌମ୍ୟ ରଞ୍ଜନ ପୃଷ୍ଟିଙ୍କ ସହ 'ଶିକ୍ଷା ବଞ୍ଚାଅ-ଓଡ଼ିଶା ବଞ୍ଚାଅ ଅଭିଯାନ'ର ଉପଦେଷ୍ଟା ଜୟନ୍ତ ଦାସ ଉପସ୍ଥିତ ଥିଲେ।

## ସମନ୍ୱୟରେ ହେଉ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ

**ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ**

**ପୁରୀ ଅଫିସ,୨୪।୫:**

ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଗୋବର୍ଦ୍ଧନ ମଠକୁ ଯାଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କୁ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଶଙ୍କରାଚାର୍ଯ୍ୟ ସମସ୍ତ ପକ୍ଷଙ୍କୁ ଶୁଣି ସାରିବା ପରେ ପ୍ରକଳ୍ପ କାର୍ଯ୍ୟ ସମନ୍ୱୟରେ ହେଉ ବୋଲି ମତ ରଖିଛନ୍ତି।

ସୋମବାର ଶଙ୍କରାଚାର୍ଯ୍ୟଙ୍କୁ ଗଜପତି ମହାରାଜା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭେଟି ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇବା ପରେ ସେ ଉଭୟ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ଉପସ୍ଥିତିରେ ଆଲୋଚନା ହେଉ ବୋଲି କହିଥିଲେ। ଏହିକ୍ରମରେ ସର୍ବଦଳୀୟ ପ୍ରତିନିଧି ଦଳ ଓ ପରିକ୍ରମା ପ୍ରକଳ୍ପର ଅଂଶୀଦାରମାନେ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଥିବା ଜଣାପଡ଼ିଛି। ଏହି ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନ୍ୟାୟିକ ଦିଗ ଉପରେ ଆଲୋଚନା ହେବା ସହ ସମସ୍ତ ଅଂଶୀଦାରଙ୍କୁ ପୃଥକ ପୃଥକ ଭାବେ ପ୍ରକଳ୍ପ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଓବିସିସି ଏବଂ ଏଏସ୍‌ଆଇ ଅଧିକାରୀଙ୍କୁ ମଧ୍ୟ ପ୍ରଶ୍ନ କରାଯାଇଛି। ତେବେ ଏହି ବୈଠକରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଅନେକ ବ୍ୟକ୍ତି ପ୍ରକଳ୍ପକୁ ସମର୍ଥନ କରିଥିବା ବେଳେ ଅନେକେ ଏହାକୁ ବେଆଇନ ବୋଲି କହିଛନ୍ତି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟରେ ଯାହା ଘଟିଯାଇଛି ତାହାକୁ ଭୁଲି ଆଗକୁ କିଭଳି ଭାବେ କାର୍ଯ୍ୟ ଶେଷ କରାଯାଇପାରିବ ସେନେଇ ଚିନ୍ତା କରିବା ଦରକାର। ୫ ହଜାର ପରିବାର ଶ୍ରୀମନ୍ଦିର ଉପରେ ନିର୍ଭର କରି ଚଳନ୍ତି। ଏଣୁ ପ୍ରକଳ୍ପ କାର୍ଯ୍ୟ ସୁରୁଖୁରୁରେ ସରୁ। ସଭିଙ୍କ ସମନ୍ୱୟରେ କାମ ସରିବା ଦରକାର ବୋଲି ସେ ମତ ରଖିଛନ୍ତି। ଅନ୍ୟପକ୍ଷରେ ଐତିହ୍ୟ ଗବେଷକ ଅନୀଲ ଧର କହିଛନ୍ତି, ଖୁବ୍ କମ୍ ଲୋକ ପ୍ରକଳ୍ପ ସପକ୍ଷରେ ବାହାରିଥିବା ବେଳେ ଅଧିକ ଲୋକେ ବିରୋଧ କରିଛନ୍ତି। ଗୁରୁଜୀ ଏକ ସ୍ପଷ୍ଟ ଚିତ୍ର ପାଇଛନ୍ତି। ଆଧ୍ୟାତ୍ମିକ, ନ୍ୟାୟିକ ଦିଗ ଉପରେ ଆଲୋଚନା ହେଲା। ପରିକ୍ରମା ପ୍ରକଳ୍ପ କରିବା ବେଳେ ୮ଟି ଆଇନର ଉଲ୍ଲଂଘନ ହୋଇଛି। ପ୍ରକଳ୍ପକୁ ୬ଟି କେନ୍ଦ୍ର ଆଇନ ଓ ୨ଟି ରାଜ୍ୟ ଆଇନ ଅନୁମତି ଦେଉନାହିଁ। ସେହିଭଳି ସୁପ୍ରିମକୋର୍ଟ କେବେ ହେଲେ ଆଇନ ଭାଙ୍ଗି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବେ ନାହିଁ। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆଜି ହିଁ ବନ୍ଦ ହେବା ଦରକାର। ଏକ ଏକ୍ସପର୍ଟ କମିଟି ଗଠନ କରାଯିବାକୁ ସେ ମତ ଦେଇଛନ୍ତି। ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ କହିଛନ୍ତି, ଆଇନର ଉର୍ଦ୍ଧ୍ୱରେ କେହି ନୁହନ୍ତି। ମାତ୍ର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସୁରୁଖୁରୁରେ ଶେଷ ହେବା ଦରକାର। କାଶୀ ବିଶ୍ୱନାଥରେ ମଧ୍ୟ ବାଦ ବିବାଦରେ ବିକାଶ ହୋଇଛି। ଅନ୍ୟପକ୍ଷରେ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସମନ୍ୱୟରେ କାର୍ଯ୍ୟ ହେବାରେ କୌଣସି ସମସ୍ୟା ନାହିଁ। ମାତ୍ର ୫ ଜଣ ବ୍ୟକ୍ତି ସମନ୍ୱୟ କରି ଗୋଟିଏ ଭୁଲ କଲେ ତାହାକୁ କିଭଳି ଭାବେ ଗ୍ରହଣ କରାଯିବ। ଆଇନସମ୍ମତ କାର୍ଯ୍ୟ ହେବା ଦରକାର। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ଇଚ୍ଛାରେ କାର୍ଯ୍ୟ ହେଉଥିବା ଓବିସିସି ଅଧିକାରୀ କହିଥିବା ବେଳେ ମାମଲା ବିଚାରାଧୀନ ଥିବାରୁ କୌଣସି ପ୍ରତିକ୍ରିୟା ଦେବାକୁ ଏଏସଆଇ ଅଧିକାରୀ ମନା କରିଦେଇଥିଲେ।

ସୂଚନାଯୋଗ୍ୟ, ଜଗଦ୍‌ଗୁରୁଙ୍କୁ ସୋମବାର ସନ୍ଧ୍ୟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନଓର ବିଶାଲ ସିଂ ଏବଂ ପରିଚାଳନା କମିଟି ସଦସ୍ୟ ଭେଟିଥିଲେ। ସେମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବା ସହ ଏକ ଭିଡିଓ ଦେଖାଇ ବିସ୍ତୃତ ସୂଚନା ଦେଇଥିଲେ।



## ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଗାଏବ

**ବ୍ୟାଙ୍କ ଘେରିଲେ ଜମାକାରୀ**

**ନିଆଳି,୨୪।୫(ଡି.ଏନ୍.ଏ.)**

କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ପହଙ୍ଗା ଠାରେ ଥିବା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ଜମାକାରୀଙ୍କର କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜାଣିବା ପରେ ଜମାକାରୀମାନେ ବ୍ୟାଙ୍କ ଘେରାଉ କରିବା ସହ ହୋହଲ୍ଲା କରିଥିଲେ। ଖବରପାଇ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ଯତୀନାଥ ଷଡଙ୍ଗୀ ଓ ନିଆଳି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଜମାକାରୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳର ସର୍ବପୁରାତନ ଏହି ବ୍ୟାଙ୍କରେ ବହୁ ସଂଖ୍ୟକ ଲୋକ ଖାତା ଖୋଲି ଟଙ୍କା ଜମା କରିଥିଲେ। ହେଲେ ଚଞ୍ଚକତା କରାଯାଇ ସେମାନଙ୍କ ଆକାଉଣ୍ଟରୁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଗାଏବ କରାଯାଇଛି। ଏହି ଘଟଣାରେ ବ୍ୟାଙ୍କ କର୍ମଚାରୀମାନଙ୍କ ସମ୍ପୃକ୍ତି ରହିଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି। ମାସ ମାସ ଧରି ଜମାକାରୀଙ୍କ ପାସ୍‌ବୁକ୍ ଅପ୍‌ଡେଟ୍ କରାଯାଉ ନାହିଁ। ସେମାନେ ଏ ସମ୍ପର୍କରେ ପଚାରିଲେ ଲିଙ୍କ୍ ନାହିଁ, ମେସିନ ଖରାପ ଅଛି ବୋଲି ବ୍ୟାଙ୍କ କର୍ମଚାରୀମାନେ କହୁଛନ୍ତି। ଗତ ୭ ମାସ ଧରି ଜମାକାରୀଙ୍କୁ ଏଭଳି ଭାବେ ଭୁଆଁ ବୁଲାଇ ଚାଲିଛନ୍ତି। ୨ ଦିନ ତଳେ ଏ ସମ୍ପର୍କରେ ୨ ଜଣ ଜମାକାରୀ ଜାଣିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପରେ ଅନ୍ୟ ଜମାକାରୀମାନେ ପାସ୍‌ବୁକ୍ ଧରି ବ୍ୟାଙ୍କକୁ ଯାଇଥିଲେ। କାହା ଆକାଉଣ୍ଟରୁ ୧୦,୦୦୦ ତ ଆଉ କାହା ଆକାଉଣ୍ଟରୁ ୧୦ ଲକ୍ଷ ଟଙ୍କା ଗାଏବ କରାଯାଇଥିବା ହିତାଧିକାରୀମାନେ ଜାଣିବାକୁ ପାଇଥିଲେ। ଫଳରେ ସେମାନେ ଉତ୍ତ୍ୟକ୍ତ ହୋଇ ବ୍ୟାଙ୍କ ଘେରାଉ କରିବା ସହ ସମସ୍ତ ଟଙ୍କା ଫେରାଇ ଦେବାକୁ ଅଡି ବସିଥିଲେ। ପରେ ବ୍ୟାଙ୍କ୍‌ର ରିଜିଓନାଲ ମ୍ୟାନେଜର ଷଡ଼ଙ୍ଗୀ ଓ ନିଆଳି ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଜମାକାରୀଙ୍କୁ ବୁଝାଶୁଝା କରିଥିଲେ। ବୁଧବାର ବ୍ୟାଙ୍କର ଉପରିସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବେ। କାହା ଆକାଉଣ୍ଟରୁ କେତେ ଟଙ୍କା ଗାଏବ ହୋଇଛି, ତାହା ତଦନ୍ତ ପରେ ଜଣାପଡିବ। ଏହି ବେଆଇନ କାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନେ ଦଣ୍ଡ ପାଇବେ। ଏଥିସହ ଜମାକାରୀଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ଷଡ଼ଙ୍ଗୀ କହିବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା।



## ମନ୍ତ୍ରୀଙ୍କ ବାସଭବନ ଘେରାଉ ପୂର୍ବରୁ ଉଠାଇନେଲା ପୋଲିସ

**ନ୍ୟାୟ ବଦଳରେ ବିବାଦୀୟ ମନ୍ତବ୍ୟ ବିରୋଧରେ ବିକ୍ଷୋଭ**

**ଭୁବନେଶ୍ୱର,୨୪।୫(ବ୍ୟୁରୋ):**

ନ୍ୟାୟ ପାଇଁ ଲଢ଼େଇ କରୁଥିବା ରାଜ୍ୟର ୨୧ ପରିବାରର ମା'ଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଅଡୁଆରେ ପଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ଦେବା ସତ୍ତ୍ୱେ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସମ୍ପୃକ୍ତ ପରିବାର ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରିବାର ସଦସ୍ୟମାନେ ଭିନ୍ନ ଭିନ୍ନ ପ୍ଲାକାର୍ଡ ଧରି ପୂର୍ବାହ୍ନ ପ୍ରାୟ ୧୧ଟାରେ ମନ୍ତ୍ରୀଙ୍କ ବାସଭବନ ନିକଟକୁ ବିକ୍ଷୋଭ ପ୍ରଦର୍ଶନ ପାଇଁ ଯାଇଥିଲେ। ସେମାନେ ସେଠାରେ ପହଞ୍ଚିବା ପୂର୍ବରୁ ପୋଲିସ ସେମାନଙ୍କୁ ଅଟକାଇବା ସହ ବଳପୂର୍ବକ ଉଠାଇ ଆଣି ଲୋୟର ପିଏମ୍‌ଜିରେ ଛାଡ଼ିଥିଲା। ଫଳରେ ସେମାନେ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମନ୍ତ୍ରୀ ସୁଶାନ୍ତ ସିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସେ ଦେଇଥିବା ବୟାନ ପାଇଁ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ। ନ୍ୟାୟ ପାଇଁ ଲଢୁଥିବା ପରିବାର ମଧ୍ୟରୁ ଯାଜପୁରର ନିଖୋଜ ନାବାଳିକା ପିହୁଙ୍କ ମା' ମୋନାଲିସା ନାୟକ କହିଛନ୍ତି, ଆମେମାନେ ଗଣମାଧ୍ୟମରେ ଲୋକପ୍ରିୟ ହେବା ପାଇଁ ଏପରି କରୁଛୁ ବୋଲି ମନ୍ତ୍ରୀ ସୁଶାନ୍ତ ସିଂ ହୀନ ମନ୍ତବ୍ୟ ଦେଇଛନ୍ତି। ସରକାର ନ୍ୟାୟ ନ ଦେଇ ଆମ ଉପରେ ମାନସିକ ନିର୍ଯାତନା ଦେଉଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ବିଭିନ୍ନ ଜିଲାରେ ହତ୍ୟା, ଶିଶୁ ଚୋରି ଘଟଣାରେ ରାଜ୍ୟ ସରକାର ଓ ପୋଲିସ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପରେ ଅସନ୍ତୁଷ୍ଟ ହୋଇ ୨୧ ପରିବାର ବହୁ ବର୍ଷ ଧରି ନ୍ୟାୟ ପାଇଁ ଲଢ଼େଇ କରୁଛନ୍ତି। ବିଭିନ୍ନ ସମୟରେ ବିକ୍ଷୋଭ କରିବା ସହ ସେମାନଙ୍କ ମାମଲାରେ ସିବିଆଇ ତଦନ୍ତ କରାଯାଉ ବୋଲି ଦାବି କରୁଛନ୍ତି। ମେ ୮ ମାତୃ ଦିବସରେ ସମ୍ପୃକ୍ତ ପରିବାରର ମା'ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିବିଆଇ ତଦନ୍ତ କିମ୍ବା ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ତେବେ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଏହି ମା'ମାନେ ଗଣମାଧ୍ୟମରେ ଲୋକପ୍ରିୟତା ପାଇବା ପାଇଁ ଏହା କରୁଛନ୍ତି ବୋଲି ମନ୍ତ୍ରୀ ସୁଶାନ୍ତ ସିଂ ଗଣମାଧ୍ୟମରେ ବିବାଦୀୟ ବୟାନ ଦେଇଥିଲେ।





ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଯାଉଥିବାବେଳେ ପୋଲିସ ପୀହୁଙ୍କ ମା'ଙ୍କୁ ଅଟକାଉଛନ୍ତି।

## ସଂକ୍ଷେପରେ

### ଏମ୍‌ସରେ ଫରେନ୍‌ସିକ୍ ମେଡିସିନ ଡେ'

**ଭୁବନେଶ୍ୱର,୨୪।୫(ବ୍ୟୁରୋ):** ଅନେକ ଗୁରୁତ୍ୱପୂର୍ଣ୍ଣ ତଥା ଅସମାହିତ ଜଟିଳ ମାମଲାର ସମାଧାନ କରିବା ସହିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଫରେନସିକ୍ ମେଡିସିନ୍ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏମ୍‌ସ ଭୁବନେଶ୍ୱରରେ ଫରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗ ପକ୍ଷରୁ ମଙ୍ଗଳବାର ଫରେନସିକ୍ ମେଡିସିନ୍ ଡେ' ପାଳନ କରିବା ଅବସରରେ ମେଡିକାଲ୍ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି ଏହା କହିଛନ୍ତି। ଫରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗର ମୁଖ୍ୟ ଡ. ମନୋଜ କୁମାର ମହାନ୍ତି ପୋଷ୍ଟ ଗ୍ରାଜୁଏଟ୍ କୁଇଜ୍ ପ୍ରତିଯୋଗିତା, ସେମିନାର୍ ଉପସ୍ଥାପନା ଆଦି ଏକାଡେମିକ୍ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଡ. ଏମ୍. କେ. ମହାନ୍ତି ତାଲିମପ୍ରାପ୍ତ ଛାତ୍ରଙ୍କୁ ଫରେନସିକ୍ ମେଡିସିନ୍ କ୍ଷେତ୍ରରେ ଆଗ୍ରହ ପାଇଁ ଅଭିନନ୍ଦନ ଜଣାଇବା ସହ ଯୁବ ପ୍ରତିଭାଧାରୀଙ୍କୁ ସଚ୍ଚୋଟତା, ସତ୍ୟ ଏବଂ ଅଖଣ୍ଡତା ହେଉଛି ଫରେନସିକ୍ କ୍ଷେତ୍ରର ପ୍ରାଥମିକତା ବୋଲି ମତପ୍ରକାଶ କରିଥିଲେ। ବିଭାଗର ଅତିରିକ୍ତ ପ୍ରଫେସର ଡ. ସୁଦୀପ୍ତ ରଂଜନ ସିଂ ଧନ୍ୟବାଦ ଦେଇଥିଲେ।

### ୱାଲ୍ଡେନ୍‌ଉଡ୍ସ ଫାଉଣ୍ଡେଶନ ପକ୍ଷରୁ ଆଲୋଚନାଚକ୍ର

**ଭୁବନେଶ୍ୱର,୨୪।୫(ବ୍ୟୁରୋ):** ୱାଲ୍ଡେନ୍‌ଉଡ୍ସ ଫାଉଣ୍ଡେଶନ ପକ୍ଷରୁ ସ୍ଥାପିତ ଇକୋ ଭିଲେଜର ଭବିଷ୍ୟତ ଆଭିମୁଖ୍ୟ ଓ କାର୍ଯ୍ୟକାରିତାକୁ ନେଇ ଏକ ଆଲୋଚନାଚକ୍ର ମେ'ଫେୟାର ହୋଟେଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ସ୍ମାର୍ଟ ଇକୋ-ଭିଲେଜ (ପର୍ଯ୍ୟଟନ ମଡେଲ୍) ସୃଷ୍ଟି କରି ଗ୍ରାମୀଣ ଉନ୍ନତି ପ୍ରତି ଏହି ଟ୍ରଷ୍ଟ ଉତ୍ସର୍ଗୀକୃତ। ଫାଉଣ୍ଡେଶନରେ ବିଦ୍ୟୁତ୍, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଟେଲି ଯୋଗାଯୋଗ, ପରିବହନ ଭଳି ବହୁ ଆଧୁନିକ ସୁବିଧା ସୁଯୋଗ, ଅର୍ଗାନିକ ଖାଦ୍ୟ, ଚିତ୍ତବିନୋଦନ, ସ୍ୱାସ୍ଥ୍ୟ ସେବା, ସୁସ୍ଥକର ଜୀବନଶୈଳୀ, ପ୍ରଦୂଷଣ ମୁକ୍ତ ପରିବେଶ ଓ ବହୁ ପରିମାଣର ବିଶୁଦ୍ଧ ବାୟୁ ସୁବିଧା ରହିଛି। ଏହି ଆଲୋଚନାଚକ୍ରରେ ଡ. କୃଷ୍ଣଚନ୍ଦ୍ର ଆଇଚ ସଭାପତିତ୍ୱ କରିଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷ ରାମକୃଷ୍ଣ ଦାସ ଇକୋ-ଭିଲେଜର ସୃଷ୍ଟି ଓ କରୋନା ଦ୍ୱାରା କ୍ଷତିଗ୍ରସ୍ତ ହୋଇ ମଧ୍ୟ ସ୍ୱଳ୍ପ ଅବଧି ମଧ୍ୟରେ ରାଜ୍ୟ ଭିତରୁ ଓ ବାହାରୁ ବହୁ ପର୍ଯ୍ୟଟକ ଏହି ରମଣୀୟ ସ୍ଥାନ ପ୍ରତି ଆକୃଷ୍ଟ ହୋଇଛନ୍ତି ବୋଲି ପ୍ରକାଶ କରିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ ପତି ଏହି ଆଲୋଚନାରେ ନିଜ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଦର୍ଶନ ପଣ୍ଡା, ଡ. ନିରଞ୍ଜନ ପଣ୍ଡା, ବିକାଶ ଦାସ, ଇ.କେ ପାତ୍ର, ଚାର୍ଟାର୍ଡ ଆକାଉଟାଣ୍ଟ ଅନିଲ ଅଗ୍ରୱାଲ, ସଂଘମିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଅଶୋକ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ସରପଞ୍ଚ ଅଭିମନ୍ୟୁ ସେନାପତିଙ୍କ ପରଲୋକ

**ବାଲିପାଟଣା,୨୪।୫(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡ଼ିପାଞ୍ଚଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ସେନାପତିଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ଦୁଇଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ବହୁ ବିକାଶମୂଳକ କାର୍ଯ୍ୟ କରିବା ସହ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ବାଲିପାଟଣା ବଜାର ଓ ବିଭିନ୍ନ ଗ୍ରାମ ପରିକ୍ରମା କରାଯିବା ପରେ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# କଟୁରି ଗ୍ୟାଙ୍ଗ ଧରିଲା 'ହଟ୍ ପର୍ ଶୁଟ୍'

- ଜଣେ ମହିଳା, ୬ ସଦସ୍ୟ ଗିରଫ
- ୧୪ ସୁନାଚେନ, ୧୬ ମୁଦି, ୨ କେଜି ୩୦୦ ଗ୍ରାମ ରୁପା ଅଳଙ୍କାର ଜବତ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

କମିଶନରେଟ ପୋଲିସକୁ ଚ୍ୟାଲେଞ୍ଜ ଦେଇ ବିଭିନ୍ନ ଥାନା ଅଞ୍ଚଳରେ ଅପରାଧ କରୁଥିବା କଟୁରି ଗ୍ୟାଙ୍ଗର ୬ ସଦସ୍ୟଙ୍କ ସହ ଜଣେ ମହିଳା ସହଯୋଗୀ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ସୂର୍ଯ୍ୟନଗର ପିତୁବସ୍ତିର ଜଗନ ଓରଫ ରବି ଶତପଥୀ(୨୨), ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦର ପପୁନି ମାଝି(୨୨), ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ଭବାନୀପୁରର କୃଷ୍ଣ ଓରଫ ପବିତ୍ର ଚର୍ଚ୍ଚି(୨୩), ଭରତ ଖୁଣ୍ଟିଆ (୨୭), ବାଣପୁରର ସନ୍ତୋଷ ପରିଡ଼ା(୨୯), ନୟାପଲ୍ଲୀ ଥାନା ଭୋଇସାହିର ଅମିର ଭୋଇ(୨୫) ଓ ସେମାନଙ୍କ ସହଯୋଗ କରୁଥିବା କ୍ୟାପିଟାଲ ଥାନା ପିତୁବସ୍ତିର ଜ୍ୟୋତ୍ସ୍ନାରାଣୀ ମହାପାତ୍ର(୪୦)। ଏମାନଙ୍କଠାରୁ ୧୪ ସୁନା ଚେନ, ୧୬ ମୁଦି, ୨ କେଜି ୩୦୦ ଗ୍ରାମ ରୁପା ଅଳଙ୍କାର, ୨ଟି ବାଇକ ଓ ଗୋଟିଏ କଟୁରୀ ଜବତ କରାଯାଇଛି। ଖଣ୍ଡଗିରି ଥାନାରେ ଏକ ମାମଲା (ନଂ.୨୦୧/୨୨) ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗ୍ୟାଙ୍ଗକୁ ଧରିବାକୁ ଅପରେଶନ 'ହଟ୍ ପର୍ ଶୁଟ୍' ଆରମ୍ଭ କରାଯାଇଥିଲା।। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ସ୍ପେଶାଲ ସ୍କ୍ୱାଡ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେଶନ ସଫଳ ହୋଇଛି। ଏଥିରେ ନୟାପଲ୍ଲୀ, ଭରତପୁର ଓ ଖଣ୍ଡଗିରି ଥାନାର ପିଓପିଡ଼ି ଟିମ୍ ସାମିଲ ଥିଲେ ବୋଲି ସେ କହିଛନ୍ତି। ତେବେ ଫେରାର ଥିବା ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଡିସିପି ପ୍ରତୀକ ସିଂ କହିଛନ୍ତି।





ଗିରଫ ଅଭିଯୁକ୍ତମାନଙ୍କ ସହ ଜବତ ହୋଇଥିବା ସୁନା ଅଳଙ୍କାର।

### ଭୁବନେଶ୍ୱରରେ ୨୦, ଅନ୍ୟ ଥାନାରେ ୨ ମାମଲା

ଗ୍ୟାଙ୍ଗର ସଦସ୍ୟମାନେ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ଲୁଟ୍, ଡକାୟତି କରିବା ସହ ଆତଙ୍କ ଖେଳାଇ ଅପରାଧ ଘଟାଉଥିଲେ। କମିଶନରେଟ୍ ପୋଲିସ ଅନ୍ତର୍ଗତ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଅଧୀନରେ ଥିବା ବିଭିନ୍ନ ଥାନାରେ ଏମାନଙ୍କ ନାମରେ ୨୦ଟି ମାମଲା ରହିଛି। ଖଣ୍ଡଗିରି, ନୟାପଲ୍ଲୀ, ବଡ଼ଗଡ ଥାନାରେ ୪ ଲେଖାଏ, ଶ୍ରୀଲିଙ୍ଗରାଜ ଥାନାରେ ୨, ଭରତପୁର, ଚନ୍ଦକା, ଶହୀଦନଗର, ଇନ୍‌ଫୋସିଟି, କ୍ୟାପିଟାଲ ଓ ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଏଥିସହ ବେଗୁନିଆ ଓ ରଣପୁର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

### ଚକରାଙ୍କୁ ଜେରା ବେଳେ ମିଳିଥିଲା ତଥ୍ୟ

କଟୁରି ଗ୍ୟାଙ୍ଗକୁ ଧରିବାକୁ ଗତ ୧୧ ତାରିଖ ବିଳମ୍ବିତ ରାତିରେ ବରମୁଣ୍ଡା ଖେଳପଡ଼ିଆରେ ଚଢ଼ାଉ କରିଥିଲା ଟିମ୍। ଏହି ସମୟରେ ପୋଲିସ ଉପରକୁ ଗ୍ୟାଙ୍ଗ୍ ସଦସ୍ୟମାନେ ବୋମା ଓ ଗୁଳି ମାଡ଼ କରିଥିଲେ। ହେଲେ ପୋଲିସର ପାଲଟା ଗୁଳି ମାଡ଼ରେ ଦୁର୍ଦ୍ଦାନ୍ତ ଅପରାଧୀ ଚକରା ଓରଫ ଚକ୍ରଧର ବାରିକ ଆହତ ହୋଇଥିଲେ। ହେଲେ ସେଠାରୁ ଜଗନ ଶତପଥୀ, ରାଜେଶ ମହାପାତ୍ର, ପ୍ରକାଶ ନାୟକ ଓ କୁଲୁ ପ୍ରମୁଖ ଖସି ପଳାଇଥିଲେ। ପୋଲିସ ଟିମ୍ ସେମାନଙ୍କ ଘରେ ଚଢ଼ାଉ କରି ଖାଲି ହାତରେ ଫେରିଥିଲା। ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ଖଣ୍ଡିଗିରି ଥାନା ପୋଲିସ ଚକରାଙ୍କୁ ଗତ ଶନିବାରଠାରୁ ୫ଦିନିଆ ରିମାଣ୍ଡରେ ନେଇ ଖୋଳତାଡ କରୁଛି। ପଚାରାଉଚରାବେଳେ ତାଙ୍କଠାରୁ ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଗୁରୁବାର ଚକରାଙ୍କୁ କୋର୍ଟରେ ହାଜର କରାଯିବ।

### ଚୋରି ସୁନା ବିକୁଥିଲେ ଜ୍ୟୋତ୍ସ୍ନା

ଗିରଫ ମହିଳା ସହଯୋଗୀ ଜ୍ୟୋତ୍ସ୍ନାରାଣୀ ହେଉଛନ୍ତି ଫେରାର ଅଭିଯୁକ୍ତ ରାଜେଶ ମହାପାତ୍ରଙ୍କ ମା'। ଗ୍ୟାଙ୍ଗର ସଦସ୍ୟମାନେ ଲୁଟ୍ କରି ଆଣୁଥିବା ସୁନା ଓ ରୁପା ଅଳଙ୍କାର ଜ୍ୟୋତ୍ସ୍ନାଙ୍କୁ ଦେଉଥିଲେ। ସେ ଏସବୁକୁ ବିକ୍ରି କରି ଟଙ୍କା ଆଣି ଗ୍ୟାଙ୍ଗ୍ ମୁଖ୍ୟଙ୍କୁ ଦେଉଥିଲେ।

### ଟାର୍ଗେଟରେ ଥିଲେ ସୁନା ଦୋକାନୀ

କିଛି ଦିନ ତଳେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଝାଁଳା ନିକଟରେ ଜଣେ ସୁନାଦୋକାନୀଙ୍କୁ କଟୁରିରେ ଆକ୍ରମଣ କରି ଲୁଟ୍ ଯାଇଥିଲା। ସେହିପରି ମେ ୨ ରାତିରେ ସାମନ୍ତରାପୁର ଅଞ୍ଚଳରେ ଗୁଳି ଫୁଟାଇ ସୁନା ଦୋକାନୀଙ୍କୁ ଲୁଟ୍ ଉଦ୍ୟମ ହୋଇଥିଲା। ଖଣ୍ଡଗିରି ଥାନା ସୌଭାଗ୍ୟନଗରରେ ଥିବା ଜୁଏଲାରୀ ଦୋକାନୀଙ୍କୁ ମଧ୍ୟ ଆକ୍ରମଣ କରି ଏହି ଗ୍ୟାଙ୍ଗର ସଦସ୍ୟମାନେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଥିଲେ। ତଦନ୍ତରୁ ଏସବୁ ଅପରାଧରେ ଏହି କଟୁରି ଗ୍ୟାଙ୍ଗର ସଦସ୍ୟମାନେ ସମ୍ପୃକ୍ତ ଥିବା ଜଣାପଡିଥିଲା।

## ଅନ୍‌ଲାଇନ ବ୍ୟବସ୍ଥା ପ୍ରତ୍ୟାହାର ଲାଗି ଶ୍ରମ ସଚିବଙ୍କୁ ଦାବିପତ୍ର

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଅନ୍‌ଲାଇନ ଜରିଆରେ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ ଓ ସହାୟତା ପ୍ରଦାନକୁ ବିରୋଧ କରି ଶ୍ରମ ବିଭାଗର ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ୍‌ଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ଦ୍ୱାରା ଶ୍ରମିକଙ୍କୁ ସେମାନଙ୍କ ସହାୟତା ରାଶିରୁ ବଞ୍ଚିତ କରିବା ସରକାରଙ୍କ ଏକ ହିନ ପ୍ରୟାସ। ପ୍ରଯୁକ୍ତି ବିଦ୍ୟା ନାମରେ ଶ୍ରମିକ ଏପରି ଅତ୍ୟାଚାରରୁ ନିବୃତ୍ତ ରହିବା ପାଇଁ ସରକାରଙ୍କୁ ଦାବି ହୋଇଛି। ଆବଶ୍ୟକୀୟ କର୍ମଚାରୀ ଓ ଭିତ୍ତିଭୂମି ଅଭାବରୁ ହଜାର ହଜାର ଶ୍ରମିକ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି କ୍ଷୋଭ ପ୍ରକାଶ ପାଇଛି। ସରକାର ପ୍ରଯୁକ୍ତିବିଦ୍ୟା ନାମରେ ସାଧାରଣ, ଅବଶିକ୍ଷିତ ଓ ମୋବାଇଲ ବ୍ୟବହାର କରୁ ନ ଥିବା ଶ୍ରମିକମାନଙ୍କ ଉପରେ ଅନ୍‌ଲାଇନ ବ୍ୟବସ୍ଥାକୁ ବୋଝ ନ କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡିକ ଦାବି କରିଛନ୍ତି। ଆଇଏନ୍‌ଟିୟୁସି ନେତା କିଶୋର ଜେନା, ଏଚ୍‌ଏମ୍‌ଏସ୍‌ର ସଂଯୁକ୍ତା ମହଲ, ସିଆଇଟିୟୁର ସୁର ରାଉତରାୟ, ଏଆଇସିସିଟିୟୁର ମନ୍ଦ୍ରେ ପରିଡ଼ା, ଏଆଇୟୁଟିୟୁସିର ନିରଞ୍ଜନ ମହାନ୍ତି, ଟିୟୁସିସିର ଜ୍ୟୋତିରଞ୍ଜନ ମହାପାତ୍ର, ବୋର୍ଡ଼ ସଦସ୍ୟ ପ୍ରଣତି ମିଶ୍ର, ଏଲ୍‌ଫିଏଫ୍‌ର ମନୋରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇ ସରକାରଙ୍କ ଅନ୍‌ଲାଇନ ବ୍ୟବସ୍ଥାକୁ ତୀବ୍ର ବିରୋଧ କରିଥିଲେ।




ଦରଦାମ୍ ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଦରଦାମ୍ ବୃଦ୍ଧି ବିରୋଧରେ ଏଏପିର ବିକ୍ଷୋଭ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଅତ୍ୟଧିକ ଦରଦାମ୍ ବୃଦ୍ଧି ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଖୋର୍ଦ୍ଧା ଜିଲା ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦେଶରେ ମୁଦ୍ରାସ୍ଫୀତି ବଢ଼ିବା ଯୋଗୁ ଦୈନନ୍ଦିନ ଜୀବନରେ ବ୍ୟବହୃତ ଜିନିଷର ଦାମ ବୃଦ୍ଧି ପାଇବାରେ ଲାଗିଛି। ବିଦ୍ୟୁତ୍ ଦରକୁ କମାଇବା ପାଇଁ ଶକ୍ତି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ତାହା ଫଳପ୍ରଦ ହେଲାନାହିଁ। ଦାବି ଅନୁସାରେ, ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ଦରକୁ ଅତ୍ୟନ୍ତ ପକ୍ଷେ ୨୦୨୧ ମଇ ମାସ ସ୍ତରକୁ ନିଆଯାଉ, ରାଜ୍ୟ ସରକାର ତୁରନ୍ତ ବର୍ଦ୍ଧିତ ବସ ଭଡ଼ାକୁ ପ୍ରତ୍ୟାହାର, ସୁଲଭ ମୂଲ୍ୟରେ ପନିପରିବା ଓ ଖାଇବା ତେଲ ଯୋଗାଇବା, ଆଗତ ହେବାକୁ ଥିବା ପୂର୍ଣ୍ଣାଙ୍ଗ ବଜେଟରେ ରାଜ୍ୟରେ ଅନ୍ୟୁନ ୧୦୦ଟି ଶିତଳଭଣ୍ଡାର ସ୍ଥାପନ ପାଇଁ ଅର୍ଥ ବରାଦ ଆଦି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଏହି ବିକ୍ଷୋଭରେ ଖୋର୍ଦ୍ଧା ଜିଲା ସଭାପତି ଶୁଭାଶିଷ ସ୍ୱାଇଁ ଓ ଆପ୍ ଭୁବନେଶ୍ୱର ମହାନଗର ନିଗମର ସଭାପତି ଜୟସୂର୍ଯ୍ୟ କାନୁନଗୋଙ୍କ ନେତୃତ୍ୱରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ, ରାଜ୍ୟ ସମ୍ପାଦକ (ସଙ୍ଗଠନ) ଜନ୍ମେଜୟ ସ୍ୱାଇଁ, ରାଜ୍ୟ ମୁଖ୍ୟ ପ୍ରବକ୍ତା ରଙ୍ଗାଚରଣ ପ୍ରଧାନ, କଳାହାଣ୍ଡି ପ୍ରଭାରୀ କୃତ୍ତିବାସ ମୁଣ୍ଡ, କଟକ ଜିଲା ଆବାହକ ଦୁର୍ଗା ପ୍ରସାଦ ପରିଡ଼ା, ପୁରୀ ଜିଲା ଆବାହକ ସଞ୍ଜୀବ ମହାନ୍ତି, କେନ୍ଦ୍ରାପଡା ଆବାହକ ଶ୍ରୀ ସନ୍ଦିପ୍ତ ଦାସ, ରାଜ୍ୟ ଯୁବ ଶାଖା ସଭାପତି ସୋମନାଥ ରାଉତ ଯୋଗଦେଇଥିଲେ।

## ସ୍ଥିତି ଅନୁଧ୍ୟାନ କଲେ ଜଙ୍ଗଲ ମନ୍ତ୍ରୀ

**ବାରଙ୍ଗ,୨୪।୫(ଡି.ଏନ୍.ଏ.)**

### ବହୁତଳ ଗାଡ଼ି ପାର୍କିଂର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଆସନ୍ତା ୨୭ ତାରିଖ ଶୁକ୍ରବାର ସନ୍ଧ୍ୟାରେ ନନ୍ଦନକାନନର ବହୁ ପ୍ରତୀକ୍ଷିତ ବହୁତଳ ଗାଡ଼ି ପାର୍କିଂ ବ୍ୟବସ୍ଥାର ଉଦ୍‌ଘାଟନ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏଥିପାଇଁ ଏବେଠାରୁ ନନ୍ଦନକାନନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ରାସ୍ତାଘାଟ ସଫାସୁତରା ସହ ଭଙ୍ଗାରୁଜା ଓ ରଙ୍ଗଛାଡି ଯାଇଥିବା ସ୍ଥାନକୁ ମରାମତି କାର୍ଯ୍ୟ ମଧ୍ୟ ଜୋରଦାର ଚାଲିଛି। ଏହି ଅବସରରେ ପରିସ୍ଥିତର ଅନୁଧ୍ୟାନ କରିବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଜଙ୍ଗଲ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ନନ୍ଦନକାନନରେ ପହଞ୍ଚି ବୁଲି ଦେଖିଥିଲେ। ୩୫କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ଏହି ପାର୍କିଂର ନିର୍ମାଣ କାର୍ଯ୍ୟ ଆର୍ ଆଣ୍ଡ ବି ଭୁବନେଶ୍ୱର ଡିଭିଜନ ତରଫରୁ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯାଇ ଗତଦୁଇବର୍ଷ ହେବ ନନ୍ଦନକାନନକୁ ହସ୍ତାନ୍ତର କରାଯାଇଥିଲା। ଗତ ବର୍ଷେ ହେବ ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ନନ୍ଦନକାନନ ପକ୍ଷରୁ କରାଯାଇଥିଲେ ହେଁ ଉଦ୍‌ଘାଟନ ହୋଇ ନ ଥିବାରୁ ବ୍ୟବହାର ନ କରାଯାଇ ତାଲା ପକାଯାଇ ରଖାଯାଇଥିଲା। ଏବେ ସମସ୍ତ ପ୍ରକ୍ରିୟା ସରିବା ପରେ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବ ବୋଲି ସୂଚନା ମିଳିଛି। ଏଥିପାଇଁ ଜଙ୍ଗଲ ମନ୍ତ୍ରୀ ନନ୍ଦନକାନନ ଆସି ନବନିର୍ମିତ ବହୁତଳ ଗାଡି ରହଣିସ୍ଥଳ ଅନୁଧ୍ୟାନ କରିଫେରିଛନ୍ତି। ଏହାପରେ ଗେଷ୍ଟହାଉସକୁ ଯାଇ ନନ୍ଦନକାନନରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ମଧ୍ୟ କରିଛନ୍ତି। ସଫାରିରେ ଚୁକ୍ତିକୁ ଖିଲାପ କରାଯାଇ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗାଡିଚାଲିବା, କାଗଜପତ୍ର ଠିକ୍ ନ ଥିବା, ପର୍ଯ୍ୟଟକଙ୍କୁ ଆକ୍ରମଣ ଆଦି ବିଷୟରେ ଆଲୋଚନା କରି ତୁରନ୍ତ ପଦକ୍ଷେପ ସ୍ୱରୂପ ଏହିଭଳି ଘଟଣାର ପୁନରାବୃତ୍ତି ନ ହେବାକୁ ତାଗିଦ କରିଥିଲେ। ଏଥିରେ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭିନାୟାର, ଉପନିର୍ଦ୍ଦେଶକ ସଞ୍ଜିତ କୁମାରଙ୍କ ସମେତ ରେଞ୍ଜରମାନେ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ପିପିଲି,୨୪।୫(ସ୍ୱ.ପ୍ର.)**

ପିପିଲି ନିକଟବର୍ତ୍ତୀ ମଙ୍ଗଳପୁର ବଜାରର ଏକ ବାର୍ ସମ୍ମୁଖରେ ମଙ୍ଗଳବାର ଗୋଟିଏ ଅଜଣା ଗାଡ଼ି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଙ୍ଗଳପୁର ଉତ୍ତରବାଡ଼ ଗ୍ରାମର ପ୍ରଶାନ୍ତ କୁମାର ମହାପାତ୍ର (୬୭)। ଏ ନେଇ ତାଙ୍କ ପୁଅ ସୁଧାଂଶୁ ଶେଖର ମହାପାତ୍ର ପିପିଲି ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୪୩/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ସକାଳୁ ପ୍ରଶାନ୍ତ ସାଇକେଲ ଯୋଗେ ଘରକୁ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ପିପିଲି ସରକାରୀ ମେଡିକାଲକୁ ଆଣିବା ପରେ ଡାକ୍ତରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପିପିଲି ପୋଲିସ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

## ମହାପ୍ରଭୁଙ୍କ ଭିତର ଚନ୍ଦନଯାତ୍ରା ଆରମ୍ଭ

**ପୁରୀ ଅଫିସ, ୨୪।୫**

ଅକ୍ଷୟତୃତୀୟାଠାରୁ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାଲିଥିବା ବାହାର ଚନ୍ଦନ ଯାତ୍ରା ସୋମବାର ହଳଦୀପାଣିରେ ଶେଷ ହେବା ପରେ ମଙ୍ଗଳବାରଠାରୁ ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି। ଅକ୍ଷୟତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଅର୍ଥାତ ସ୍ନାନପୂର୍ଣ୍ଣିମା ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ। ଅକ୍ଷୟତୃତୀୟାଠାରୁ ପ୍ରଥମ ୨୧ଦିନ ବ୍ୟାପୀ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ନରେନ୍ଦ୍ର ପୁଷ୍କରିଣୀ ଯାଇ ନନ୍ଦା ଏବଂ ଭଦ୍ରା ଚାପ ଡଙ୍ଗାରେ ଜଳକ୍ରୀଡା କରିଥାନ୍ତି। ସେହିପରି ହଳଦୀପାଣି ପରଦିନଠାରୁ ପରବର୍ତ୍ତୀ ୨୧ଦିନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ। ଏହି ୨୧ଦିନ ମହାପ୍ରଭୁଙ୍କୁ ଚନ୍ଦନ ଓ ଆଳଟ ଲାଗି କରାଯିବ। ସେହିପରି ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳ ଷଷ୍ଠୀ ଓ ରୁକ୍ମିଣୀହରଣ ଏକାଦଶୀରେ ଶ୍ରୀମନ୍ଦିର ଭିତରେ ଥିବା ଜଳକ୍ରୀଡ଼ା ମଣ୍ଡପରେ ଠାକୁରଙ୍କ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହେବ।

## ଦକ୍ଷିଣ ପଶ୍ଚିମ ଜୋନ୍‌ରେ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟାଦେଶ ବଣ୍ଟନ

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

### ସହରର ଭୂତଳ ଜଳସ୍ତର ବଢ଼ାଇବା ପାଇଁ ଅଣ୍ଟା ଭିଡ଼ିଲା ବିଏମ୍‌ସି

ଦିନକୁ ଦିନ ସ୍ମାର୍ଟ ସିଟି ଭୁବନେଶ୍ୱର କାୟାବିସ୍ତାର କରି ଚାଲିଛି। ଏହି ପରିପ୍ରେକ୍ଷୀରେ ସହରର ପରିବେଶ ଦିଗକୁ ବିଏମ୍‌ସି ପକ୍ଷରୁ ଅଧିକ ଧ୍ୟାନ ଦିଆଯାଉଛି। ସୋମବାର ଦକ୍ଷିଣ ପଶ୍ଚିମ ଜୋନ୍ ଅଧୀନ କେ-୭ ଅଞ୍ଚଳରେ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସହରକୁ ଏକ ପରିବେଶ ବନ୍ଧୁ ନଗରୀ କରି ଗଢ଼ି ତୋଳିବା ପାଇଁ ସର୍ବାଧିକ ବୃଷ୍ଟି ଜଳ ଅମଳ ପ୍ରକଳ୍ପ କରିବାକୁ ସରକାର ସହାୟତା ଦେଉଛନ୍ତି। ଭୁବନେଶ୍ୱରରେ ଭୂତଳ ଜଳସ୍ତରକୁ ଉପରକୁ ଉଠାଇବା ଏବଂ ଏହାର ଆବଶ୍ୟକୀୟ ସ୍ଥିତି ବଜାୟ ରଖିବା ପାଇଁ ଆମକୁ ଅଧିକ ସଂଖ୍ୟକ ବୃଷ୍ଟି ଜଳ ଅମଳ ପ୍ରକଳ୍ପ କରିବାକୁ ହେବ। ଯାହା ଭୂତଳ ଜଳସ୍ତରର ପରିମାଣ ବଢାଇବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି।

୨୦୨୨-୨୩ ଆର୍ଥିକ ବର୍ଷରେ ମହାନଗର ନିଗମାଞ୍ଚଳରେ ସମୁଦାୟ ୩୦୬୨ଟି ବୃଷ୍ଟି ଜଳ ଅମଳ ପିଟ୍ ବା ରେନ୍ ୱାଟର୍ ହାର୍ଭେଷ୍ଟିଙ୍ଗ୍ ଷ୍ଟ୍ରକଚର୍ ପାଇଁ ଯୋଜନା ସରିଥିବାବେଳେ ୩୦୦୦ଟି କାର୍ଯ୍ୟାଦେଶ ବଣ୍ଟନ ସରିଛି। ବିଏମ୍‌ସିର ୬୭ଟି ୱାର୍ଡରେ ସ୍ୱତନ୍ତ୍ର ସ୍ଥାନର ମାନ ଚିହ୍ନଟ କରାଯାଇଛି। ଏଥିମଧ୍ୟରୁ ଦକ୍ଷିଣ ପୂର୍ବ ଜୋନ୍‌ରେ ୯୯୧ଟି ଷ୍ଟ୍ରକଚର, ଉତ୍ତର ଜୋନ୍‌ରେ ୭୫୨ଟି ଷ୍ଟ୍ରକଚର ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ୧୩୧୯ଟି ଷ୍ଟ୍ରକଚର ପାଇଁ ଯୋଜନା ହୋଇଛି। ଏହିସବୁ କାର୍ଯ୍ୟ ପାଇଁ ୩୯୦ଟି ଏସ୍‌ଏଚ୍‌ଜି କାର୍ଯ୍ୟଭାର ଦିଆଯାଇଛି ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବପିଢ଼ିଙ୍କୁ ଶୃଙ୍ଖଳିତ ପାଇଁ ସଚେତନତା ଜରୁରୀ

**ପୁରୁଣା ଭୁବନେଶ୍ୱର,୨୪।୫(ଡି.ଏନ୍.ଏ.)**

ଆଜିର ଯୁବପିଢ଼ି ସ୍ମାର୍ଟ ଫୋନ୍ ପାଇଁ ଦିଗହରା ହୋଇପଡ଼ିଛନ୍ତି। ଏପରି କି କଳା, ସଂସ୍କୃତି ଓ ଇତିହାସ ଜାଣିବା ପାଇଁ ରୁଚି ରଖୁନାହାନ୍ତି। ଏମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ସଚେତନତା ଜରୁରୀ ବୋଲି କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ମଙ୍ଗଳବାର ଅନୁଷ୍ଠିତ ପ୍ରତିଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଗୁଣନିଧି ମହାପାତ୍ରଙ୍କ ୧୦ମ ଶ୍ରାଦ୍ଧୋତ୍ସବରେ ଅତିଥିମାନେ ଏହା କହିଛନ୍ତି। ଏହି ଅବସରରେ କକ୍ଷରେ ଗୁଣନିଧିଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରାଯାଇଥିଲା। ସମାଜସେବୀ ସୀତା ସାହୁଙ୍କୁ ଗୁଣନିଧି ସ୍ମୃତି ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ମୁଖପତ୍ର ଉତ୍କଳୀୟ ସଂସ୍କୃତି ଭାଷା ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଭାଜପା ରାଜ୍ୟ ସଭାପତି ସମୀର ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମେଶ ଚନ୍ଦ୍ର ପାଣି ଧନ୍ୟବାଦ ଦେଇଥିଲେ। ଭାଗୀରଥି ମହାପାତ୍ର, ତନୟା ଦାସ ଗୋସ୍ୱାମୀ, ଆଦିତ୍ୟ ମହାପାତ୍ର, ନିର୍ମଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ମୁଖପତ୍ର ଉତ୍କଳୀୟ ସଂସ୍କୃତି ଭାଷା ବିଶେଷାଙ୍କ ଉନ୍ମୋଚିତ କରୁଛନ୍ତି।

## ରାତି ପରେ ଏବେ ଦିନରେ ଜିପିଆର୍‌ଏସ୍

**ପୁରୀ ଅଫିସ ୨୪।୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ଘନେଇବାରେ ଲାଗିଛି। ଦୁଇଦିନ ତଳେ ନିର୍ମାଣସ୍ଥଳରେ ଜନସାଧାରଣଙ୍କ ଅଜାଣତରେ ରାତିଅଧିଆ ଜିପିଆରଏସ୍ ହେଉଥିବା ଜଣାପଡ଼ିବା ପରେ ସରକାରଙ୍କୁ ସମାଲୋଚିତ ହେବାକୁ ପଡ଼ିଥିଲା। ମଙ୍ଗଳବାର ଦିବାଲୋକରେ ସରକାରଙ୍କ ପକ୍ଷରୁ ଏମାର ମଠ ଅଞ୍ଚଳରେ ଜିପିଆର ସର୍ଭେ କରାଯାଇଛି। ଜିଓକାର୍ଟ ରାଡାର ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ଼ ଜରିଆରେ ଏହି ସର୍ଭେ କରାଯାଇଛି ବୋଲି ସୂଚନା ମିଳିଛି। ଏଥିରେ ୩ଟି ମେଶିନ ବ୍ୟବହାର ହେଉଥିବା ବେଳେ ୫ ଇଞ୍ଜିନିୟର ଏବଂ ୮ କର୍ମଚାରୀ କାର୍ଯ୍ୟରେ ଲାଗିଥିଲେ। ଓବିସିସି ଗୁଜୁରାଟ ଆଇଆଇଟିକୁ ୪ଦିନରେ ଏହି ସର୍ଭେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଏମାର ମଠ ଅଞ୍ଚଳରେ ଜିପିଆର ସର୍ଭେ କରାଯାଉଛି।

ଏହି ସର୍ଭେ ରିପୋର୍ଟ ଖୁବଶୀଘ୍ର ଓବିସିସିକୁ ହସ୍ତାନ୍ତର କରାଯିବ ବୋଲି ଇଞ୍ଜିନିୟର କହିଛନ୍ତି। ତେବେ ଏପରି ନିର୍ମାଣ କାର୍ଯ୍ୟ ମଝିରେ ଜିପିଆରଏସ୍ ଘଟଣା ସରକାରଙ୍କ ମିଛ ଧରାପକାଇଛି ବୋଲି ଆଲୋଚନା ହେଉଛି। ଜିପିଆର ସର୍ଭେ କରୁଥିବା ଦଳ ପକ୍ଷରୁ ମଙ୍ଗଳବାର ଏମାର ମଠ ନିକଟରେ ସର୍ଭେ କରାଯାଇ ଏମାରମଠ

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ

ଖନନ ସ୍ଥଳରେ ଅନେକ ଧଳାଦାଗ ଦିଆଯାଇଥିବାରୁ ସେଠାରେ ଐତିହ୍ୟ କୀର୍ତ୍ତିରାଜି ପୋତି ହୋଇରହିଥିବା ଅନୁମାନ କରାଯାଉଛି। ରାତିଅଧିଆ ଜିପିଆରଏସ୍‌କୁ ନେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କଡା ଟିପ୍ପଣୀ ଦେଇଥିବା ବେଳେ ମାଟି ତଳେ ପୋତି ହୋଇ ରହିଥିବା ଅନେକ ଐତିହ୍ୟ କୀର୍ତ୍ତିରାଜୀକୁ ଉଦ୍ଧାର କରି ସଂରକ୍ଷଣ କରିବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ଦାବି ହୋଇଛି। ଖନନ ଓ ନିର୍ମାଣ ପୂର୍ବରୁ ଯଦି ଜିପିଆର୍‌ଏସ୍ ହୋଇଥାନ୍ତା ତେବେ ଅନେକ କୀର୍ତ୍ତିରାଜି ଅକ୍ଷତ ଅବସ୍ଥାରେ ମିଳିପାରିଥାନ୍ତା ବୋଲି ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି।

## ୭୫ହଜାର ଟଙ୍କାର ଗଞ୍ଜେଇ ଜବତ: ଜଣେ ଗିରଫ

**ଜଟଣୀ,୨୪।୫ (ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ଜିଆରପି ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଜିଲା ଶରଣକୁଳ ଥାନା ଅନ୍ତର୍ଗତ ବଡ଼ଗରୋଡ଼ା ଗ୍ରାମର ମନୋଜ କୁମାର ବେହେରା। ତାଙ୍କ ନିକଟରୁ ୭କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୭୫ହଜାର ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ.୫୬/୨୨)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି। ସୂଚନା ମୁତାବକ, ଗତ ସୋମବାର ଜିଆରପି ରେଳ ଷ୍ଟେଶନ ପରିସରରେ ଯାଞ୍ଚ କରୁଥିବା ବେଳେ ଜଣେ ବ୍ୟକ୍ତି ସନ୍ଦିଗ୍ଧ ଭାବେ ବୁଲୁଥିବା ଦେଖିବାକୁ ପାଇଥିଲେ। ଯୁବକ ଜଣଙ୍କ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିନେଇଥିଲା।

## ଜନ୍ମ ଦିନରେ ମୃତ୍ୟୁ

ନିମାପଡ଼ା,୨୪।୫(ଡି.ଏନ୍.ଏ.): ନିମାପଡ଼ା ପାନୀୟ ଜଳ ଯୋଗାଣ ବିଭାଗ ପ୍ରବନ୍ଧକ ଗିରିଶ ଚନ୍ଦ୍ର ବଳ(୬୦)ଙ୍କ ଜନ୍ମଦିନରେ ମୃତ୍ୟୁ ଘଟିଛି। କଟକରେ ରହୁଥିବା ଗିରିଶ ସୋମବାର ପରିବାର ସହ ମାହାଙ୍ଗାର କୋଳିପଡ଼ା ଗ୍ରାମକୁ ତାଙ୍କ ମା'ଙ୍କୁ ଭେଟିବାକୁ ଯାଇଥିଲେ। ହଠାତ୍ ସେଠାରେ ସେ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ମାହାଙ୍ଗା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ଗିରିଶଙ୍କର ସୋମବାର ଥିଲା ଜନ୍ମଦିନ। ଏନେଇ ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟରେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ସଭା ହୋଇଛି। ସଭାରେ ନିମାପଡ଼ା ସେକ୍ସନ୍ ସହପ୍ରବନ୍ଧକ ଶଶିଭୂଷଣ ମହାନ୍ତି, ପିପିଲି ସହପ୍ରବନ୍ଧକ ନଟବର ବିଶ୍ୱାଳ, କୋଣାର୍କ ସହପ୍ରବନ୍ଧକ ଦୀପ୍ତି ରଞ୍ଜନ ପାତ୍ର, ଯୁବନେତା ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବଳଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୫।୨୦୨୨

| ୩,୦୬,୩୧୫ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୩୭୨.୫୦୦ଗ୍ରାମ |

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ପିପିଲି,୨୪।୫(ସ୍ୱ.ପ୍ର.)- ପିପିଲି ନିକଟବର୍ତ୍ତୀ ମଙ୍ଗଳପୁର ବଜାରର ଏକ ବାର୍ ସମ୍ମୁଖରେ ମଙ୍ଗଳବାର ଗୋଟିଏ ଅଜଣା ଗାଡ଼ି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଙ୍ଗଳପୁର ଉତ୍ତରବାଡ଼ ଗ୍ରାମର ପ୍ରଶାନ୍ତ କୁମାର ମହାପାତ୍ର (୬୭)। ଏ ନେଇ ତାଙ୍କ ପୁଅ ସୁଧାଂଶୁ ଶେଖର ମହାପାତ୍ର ପିପିଲି ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୪୩/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସକାଳୁ ପ୍ରଶାନ୍ତ ନିଜ ସାଇକେଲ ଯୋଗେ ପୁରୀ-ଭୁବନେଶ୍ୱର ରାଜପଥ ପାର୍ଶ୍ୱରେ ନିଜ ଘରକୁ ଯାଉଥିଲେ। ଏହି ସମୟରେ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଗାଡ଼ି ତାଙ୍କ ସାଇକେଲକୁ ଧକ୍କା ଦେବାରେ ପ୍ରଶାନ୍ତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରୁ ପିପିଲି ସରକାରୀ ମେଡିକାଲକୁ ଆଣିବା ପରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପିପିଲି ପୋଲିସ ଯାଇ ସାଇକେଲ ଜବତ କରିଥିବା ବେଳେ ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

### ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲିଲା ଦାନ୍ତ ବହିର୍ବିଭାଗ

ପିପିଲି,୨୪।୫(ସ୍ୱ.ପ୍ର.)- ପିପିଲି ନିକଟବର୍ତ୍ତୀ ମଙ୍ଗଳପୁରରେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦାନ୍ତ ରୋଗୀଙ୍କ ପାଇଁ ନୂତନ କରି ଖୋଲିଲା ଦନ୍ତ ବହିର୍ବିଭାଗ। ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ବିନୟ କୁମାର ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ ୧୬ ଜଣ ଦାନ୍ତ ରୋଗୀଙ୍କର ଚିକିତ୍ସା କରାଯାଇଥିଲା। ସପ୍ତାହର ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚିକିତ୍ସା କରାଯିବ। ସୂଚନାଥାଉକି, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ଦାନ୍ତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାନ୍ତ ଚିକିତ୍ସା ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ମେଶିନ ଯୋଗାଇଦେବା ନିମନ୍ତେ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରିଣୀଙ୍କୁ ଜଣାଇଥିଲେ। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦାନ୍ତ ଡାକ୍ତର ଥିବାବେଳେ ଅତ୍ୟାଧୁନିକ ଦନ୍ତ ମେସିନ ନଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିନୟ କୁମାର ପଣ୍ଡା ଦାନ୍ତ ମେଶିନ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦାନ କରିଛନ୍ତି। ଯାହାର ମୂଲ୍ୟ ୨ଲକ୍ଷ ୨୦ ହଜାର ଟଙ୍କା ବୋଲି କହିଛନ୍ତି। ଏହି ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଦାନ୍ତ ଚିକିତ୍ସା ବିନା ମୂଲ୍ୟରେ କରାଯିବ ବୋଲି ଡା. ପଣ୍ଡା ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଦାନ୍ତରୋଗ ବିଶେଷଜ୍ଞ ଡା. ସମ୍ବିତ ଷଡଙ୍ଗୀ, ଡା.ପ୍ରଜ୍ଞାନ ସିଦ୍ଧାର୍ଥ, ପୁରୀ ଜିଲା ଡିପିଏମ୍‌ଟି ନାରାୟଣ ରାଓ, ଜିଲା ସହକାରୀ ପରିଚାଳକ (ଆଶା) ଅଶୋକ ସାହୁ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଡିଏମ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିପିଏମ ବିଜୟ ଲକ୍ଷ୍ମୀ ସାହୁ, ବିଏଏମ୍ ଜୟକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପରିଚୟପତ୍ର ନେବାକୁ ଖବରକାଗଜ ବିତରକଙ୍କୁ ନିବେଦନ

ପୁରୀ ଅଫିସ, ୨୪।୫: ରାଜ୍ୟ ସରକାର ଖବରକାଗଜ ବିତରକଙ୍କୁ ଚିହ୍ନଟ କରି କୋଭିଡ୍ ସହାୟତା ବାବଦରେ ୬ହଜାର ଟଙ୍କା ସହ ପରିଚୟପତ୍ର ପ୍ରଦାନର ବ୍ୟବସ୍ଥା କରିଛନ୍ତି। ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାର ମୋଟ ୩୦୩ ପଞ୍ଜୀକୃତ ଖବରକାଗଜ ବିତରକଙ୍କ ପରିଚୟପତ୍ର ପ୍ରସ୍ତୁତ କରି ବଣ୍ଟନ କରାଯାଉଛି। ଏହି ପରିଚୟପତ୍ର ଦ୍ୱାରା ସେମାନେ ନିଜ ପରିଚୟ ସୃଷ୍ଟି ସହ କାର୍ଯ୍ୟ ପରିଚାଳନାରେ ସହାୟତା ପାଇପାରିବେ। ଯେଉଁ ଖବରକାଗଜ ବିତରକମାନେ ସେମାନଙ୍କ ପରିଚୟପତ୍ର ନେଇନାହାନ୍ତି ସେମାନେ ତୁରନ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ସଂଗ୍ରହ କରିନେବାକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅନୁରୋଧ କରିଛନ୍ତି।

# ରାତି ପରେ ଏବେ ଦିନରେ ଜିପିଆର୍‌ଏସ୍

ପୁରୀ ଅଫିସ ୨୪।୫:

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ଘନେଇବାରେ ଲାଗିଛି। ଦୁଇଦିନ ତଳେ ନିର୍ମାଣସ୍ଥଳରେ ଜନସାଧାରଣଙ୍କ ଅଜାଣତରେ ରାତିଅଧିଆ ଜିପିଆରଏସ୍ ହେଉଥିବା ଜଣାପଡ଼ିବା ପରେ ସରକାରଙ୍କୁ ସମାଲୋଚିତ ହେବାକୁ ପଡ଼ିଥିଲା। ମଙ୍ଗଳବାର ଦିବାଲୋକରେ ସରକାରଙ୍କ ପକ୍ଷରୁ ଏମାର ମଠ ଅଞ୍ଚଳରେ ଜିପିଆର ସର୍ଭେ କରାଯାଇଛି। ଜିଓକାର୍ଟ ରାଡାର ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ଜରିଆରେ ଏହି ସର୍ଭେ କରାଯାଇଛି ବୋଲି ସୂଚନା ମିଳିଛି। ଏଥିରେ ୩ଟି ମେଶିନ ବ୍ୟବହାର ହେଉଥିବା ବେଳେ ୫ ଇଞ୍ଜିନିୟର ଏବଂ ୮ କର୍ମଚାରୀ କାର୍ଯ୍ୟରେ ଲାଗିଥିଲେ। ଓବିସିସି ଗୁଜୁରାଟ ଆଇଆଇଟିକୁ ୪ଦିନରେ ଏହି ସର୍ଭେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଏମାର ମଠ ଅଞ୍ଚଳରେ ଜିପିଆର ସର୍ଭେ କରାଯାଉଛି।

ଏହି ସର୍ଭେ ରିପୋର୍ଟ ଖୁବଶୀଘ୍ର ଓବିସିସିକୁ ହସ୍ତାନ୍ତର କରାଯିବ ବୋଲି ଇଞ୍ଜିନିୟର କହିଛନ୍ତି। ତେବେ ଏପରି ନିର୍ମାଣ କାର୍ଯ୍ୟ ମଝିରେ ଜିପିଆରଏସ୍ ଘଟଣା ସରକାରଙ୍କ ମିଛ ଧରାପକାଇଛି ବୋଲି ଆଲୋଚନା ହେଉଛି। ଜିପିଆର ସର୍ଭେ କରୁଥିବା ଦଳ ପକ୍ଷରୁ ମଙ୍ଗଳବାର ଏମାର ମଠ ନିକଟରେ ସର୍ଭେ କରାଯାଇ ଏମାରମଠ

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ

ଖନନ ସ୍ଥଳରେ ଅନେକ ଧଳାଦାଗ ଦିଆଯାଇଥିବାରୁ ସେଠାରେ ଐତିହ୍ୟ କୀର୍ତ୍ତିରାଜି ପୋତି ହୋଇରହିଥିବା ଅନୁମାନ କରାଯାଉଛି। ରାତିଅଧିଆ ଜିପିଆରଏସ୍‌କୁ ନେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କଡା ଟିପ୍ପଣୀ ଦେଇଥିବା ବେଳେ ମାଟି ତଳେ ପୋତି ହୋଇ ରହିଥିବା ଅନେକ ଐତିହ୍ୟ କୀର୍ତ୍ତିରାଜୀକୁ ଉଦ୍ଧାର କରି ସଂରକ୍ଷଣ କରିବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ଦାବି ହୋଇଛି। ଖନନ ଓ ନିର୍ମାଣ ପୂର୍ବରୁ ଯଦି ଜିପିଆର୍‌ଏସ୍ ହୋଇଥାନ୍ତା ତେବେ ଅନେକ କୀର୍ତ୍ତିରାଜି ଅକ୍ଷତ ଅବସ୍ଥାରେ ମିଳିପାରିଥାନ୍ତା ବୋଲି ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି।

## ରଥଖଳାରୁ

# ତିନିରଥର ୨୭ ଚକ ନିର୍ମାଣ ଶେଷ



ପୁରୀ ଅଫିସ ୨୪।୫

ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ତିନିରଥର ମୋଟ ୪୨ଟି ଚକରୁ ମଙ୍ଗଳାବାର ସୁଦ୍ଧା ୨୭ଟି ନିର୍ମାଣ ଶେଷ ହୋଇଛି। ଏଥିସହିତ ତିନିରଥର ଭୂଇଁ ନିର୍ମାଣରେ ୧୨ଟି ଭୂଇଁ ଚଉତା ଲାଗିଥାଏ। ତିନିରଥର ୮ଟି ଲେଖାଏ ଭୂଇଁଚଉତାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ରଥ ପାଇଁ ଆବଶ୍ୟକ ୪ଟି ଲେଖାଏ ମୁହାଁଟ ନିର୍ମାଣ ଓ ପ୍ରତ୍ୟେକ ରଥର ୪ଟି ଲେଖାଏ ନିରାଡ଼ି ମଧ୍ୟ ସରିଛି। ତାଳଧ୍ୱଜ ଚାଲିରେ ରଥର ମୋଟ ୧୪ ଚକରୁ ମଙ୍ଗଳବାର ସୁଦ୍ଧା ୯ଟି ସରିଛି। ୮ଟି ଭୂଇଁ ଚଉତାର ଚଉପଟ ଶେଷ ହୋଇ, ୪ଟି ମୁହାଁଟ ଏବଂ ୪ଟି ନିରାଡ଼ିର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଦେବଦଳନ ରଥର ୧୨ଟି ଚକରୁ ୮ଟି ସରିଛି। ଏଥିସହ ୮ଟି ଭୂଇଁ ଚଉତା, ୪ଟି ମୁହାଁଟ ଏବଂ ୪ଟି ନିରାଡ଼ିର ଚଉପଟ କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ୧୬ଟି ଚକରୁ ୧୦ଟିର ନିର୍ମାଣ ସରିଛି। ୮ଟି ଭୂଇଁଚଉତା ଚଉପଟ ହେବାସହ ୪ଟି ମୁହାଁଟ ଏବଂ ୪ଟି ନିରାଡ଼ିର ଚଉପଟ କାର୍ଯ୍ୟ ସରିଛି। ରୂପକାର ସେବକ କୋଣ ଗୁଜ ବା ସାଲଗୁଜରେ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ କରିଥିବା ତିନିରଥର ୬ଟି ଲେଖାଏ ଗୁଜରେ ସିଂହ ବିରାଳ ରୂପ ଖୋଦେଇର ପଲିଶ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏତଦ୍‌ବ୍ୟତୀତ ତିନିରଥର ତିଖ ଗୁଜଗୁଡିକରେ ସିଂହ ବିରାଳ ରୂପ ଖୋଦେଇ ରୂପକାର ସେବକମାନେ ଜାରି ରଖିଛନ୍ତି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାରଶାଳରେ ତିନିରଥର କମାର ସେବକମାନେ ତିନିରଥର ତୁମ୍ବ ପାଇଁ ମହାରଣା ସେବକ ଦେଇଥିବା ମାପ ପ୍ରକାରେ ବଳା ନିର୍ମାଣ ସହ, ୩ ରଥର ଦଣ୍ଡା ପାଇଁ ଘଡିମୁହଁ ଦଣ୍ଡା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ମାଙ୍କରଗୋରଡ଼ିରେ ଆଜାଦୀ କା ଅମୃତ ମହୋତ୍ସବ

କୋଣାର୍କ,୨୪।୫(ଡି.ଏନ.ଏ)

କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ମାଙ୍କରଗୋରଡି ଗ୍ରାମରେ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସହଯୋଗରେ ବନାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ଆନୁକୂଲ୍ୟରେ ଭାରତ ସ୍ୱାଧୀନତା ନିମନ୍ତେ ନିଃସ୍ୱାର୍ଥପର ସେବା ଓ ରାଷ୍ଟ୍ର ପ୍ରତିଷ୍ଠା ଦିଗରେ ମହାପୁରୁଷଙ୍କ ସ୍ମୃତିଚାରଣ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର ସୁମିତ୍ରା ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଭୁବନେଶ୍ୱର ପ୍ରାନ୍ତୀୟ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ଭାରତ ସ୍ୱାଧୀନତାରେ ମହାପୁରୁଷଙ୍କ ଅବଦାନ ଭବିଷ୍ୟତ ପିଢ଼ିଙ୍କୁ ନୂତନ ଚିନ୍ତା ଚେତନାରେ ଉଦ୍‌ବୃତ୍ତ କରି ଏକ ସମୃଦ୍ଧ ଓ ଶୃଙ୍ଖଳିତ ରାଷ୍ଟ୍ର ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ତଥା ଆଖପାଖ ଅଞ୍ଚଳର ଶତାଧିକ ସଂସ୍କୃତି ଓ ଶିକ୍ଷାପ୍ରେମୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବନାଖଣ୍ଡି ପଞ୍ଚାୟତର ଭାଜପା ସଭାପତି ବିଜୟ କୁମାର ସ୍ୱାଇଁ, ଯୁବମୋର୍ଚ୍ଚା ସଭାପତି ବାବନ ଚନ୍ଦ୍ର ନାୟକ, ଉପସଭାପତି ନିରଞ୍ଜନ ସ୍ୱାଇଁ ଓ ପ୍ରଭାତ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।



କୋଣାର୍କର ମାଙ୍କରଗୋରଡିରେ ମଙ୍ଗଳବାର ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ରଜ ଉତ୍ସବ ନେଇ ପ୍ରସ୍ତୁତି ବୈଠକ

ଗୋପ,୨୪।୫(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ଏବେ ଆଧୁନିକତା ଯୋଗୁ ଓଡ଼ିଆ ଘରର ପରମ୍ପରା, ସଂସ୍କୃତି ଆସ୍ତେ ଆସ୍ତେ ହଜିଯିବାକୁ ବସିଲାଣି। ଏବେ କିନ୍ତୁ ଏହି ହଜିଯାଉଥିବା ପରମ୍ପରାକୁ ବଞ୍ଚାଇ ରଖାଯିବାର ସମୟ ଆସିଛି ବୋଲି ମଙ୍ଗଳବାର ଗୋପ ବ୍ଲକସ୍ଥିତ ମା' ଅଡଙ୍ଗେଇ ପୀଠରେ ଆୟୋଜିତ ରଜ ଉତ୍ସବର ପ୍ରସ୍ତୁତି ବୈଠକରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ମା ଅଡଙ୍ଗେଇ ସାଂସ୍କୃତିକ ପରିଷଦର ସମ୍ପାଦକ ଫକୀର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ନାଏକ, ଧନେଶ୍ୱର ବେହେରା, ବିଦ୍ୟାଧର ମାଟି, ଧନେଶ୍ୱର ପରିଡା, ରଶ୍ମିରଞ୍ଜନ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଓଡ଼ିଆ ଘରର ପରମ୍ପରା ରଜ ଉତ୍ସବ ଜୁନ ୧୪, ୧୫, ୧୬ ରେ ମା ଅଡଙ୍ଗେଇ ପୀଠରେ ପରମ୍ପରା ମୁତାବକ ସବୁ ବର୍ଷ ପରି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଉତ୍ସବ ରେ ରଜଦୋଳି, ରଜପାନ, ଓଡ଼ିଆ ଘର ର ପିଠାପଣା ସହିତ ଲୁଡୁ, ତାସ ଖେଳ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରା ଯିବା ସହ ଏହି କାର୍ଯ୍ୟକ୍ରମ ମଧ୍ୟ ପ୍ରତିଯୋଗିତା ମୂଳକ ପୁରସ୍କାର ଦିଆଯିବ ବୋଲି କମିଟି ପକ୍ଷରୁ ଜଣାପଡିଛି।

## ମହାପ୍ରଭୁଙ୍କ ଭିତର ଚନ୍ଦନଯାତ୍ରା ଆରମ୍ଭ

ପୁରୀ ଅଫିସ, ୨୪।୫

ଅକ୍ଷୟତୃତୀୟାଠାରୁ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାଲିଥିବା ବାହାର ଚନ୍ଦନ ଯାତ୍ରା ସୋମବାର ହଳଦୀପାଣିରେ ଶେଷ ହେବା ପରେ ମଙ୍ଗଳବାରଠାରୁ ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା ଶ୍ରୀମନ୍ଦିରରେ ଆରମ୍ଭ ହୋଇଯାଇଛି। ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଅର୍ଥାତ ସ୍ନାନପୂର୍ଣ୍ଣିମା ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ। ଅକ୍ଷୟତୃତୀୟାଠାରୁ ପ୍ରଥମ ୨୧ଦିନ ବ୍ୟାପୀ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ନରେନ୍ଦ୍ର ପୁଷ୍କରିଣୀ ଯାଇ ନନ୍ଦା ଏବଂ ଭଦ୍ରା ଚାପ ଡଙ୍ଗାରେ ଜଳକ୍ରୀଡା କରିଥାନ୍ତି। ଯାହା ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଭାବରେ ପରିଚିତ। ସେହିପରି ହଳଦୀପାଣି ପରଦିନଠାରୁ ପରବର୍ତ୍ତୀ ୨୧ଦିନ ଅର୍ଥାତ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ। ଏହି ୨୧ଦିନ ମହାପ୍ରଭୁଙ୍କୁ ଚନ୍ଦନ ଓ ଆଳଟ ଲାଗି କରାଯିବ। ସେହିପରି ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳ ଷଷ୍ଠୀ ଓ ରୁକ୍ମିଣୀହରଣ ଏକାଦଶୀରେ ଶ୍ରୀମନ୍ଦିର ଭିତରେ ଥିବା ଜଳକ୍ରୀଡ଼ା ମଣ୍ଡପରେ ଠାକୁରଙ୍କ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହେବ।

## 'ବିକାଶ ନାମରେ ବିନାଶ ନ ହେଉ'

ପୁରୀ ଅଫିସ ୨୪।୫

ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଶ୍ରୀକ୍ଷେତ୍ର ପରିକ୍ରମା ଯୋଜନା ସମ୍ପର୍କରେ ମଙ୍ଗଳବାର ବିଶ୍ୱ ହିନ୍ଦୁ ପରିଷଦର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଜୀବେଶ୍ୱର ମିଶ୍ର ମତ ରଖିଛନ୍ତି। ମିଶ୍ର ସୋମବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତେବେ ମଙ୍ଗଳବାର ପ୍ରକଳ୍ପ ସମ୍ପର୍କରେ ମତ ଉପସ୍ଥାପନ କରି କହିଥିଲେ, ଶ୍ରୀମନ୍ଦିର ଚାରିପାଖର ବିକାଶ ହେଉ କିନ୍ତୁ ବିକାଶ ନାମରେ ସରକାର ବିନାଶ କାର୍ଯ୍ୟ ନ କରୁନ୍ତୁ। ଶ୍ରୀମନ୍ଦିରର ବିକାଶ କାର୍ଯ୍ୟ ହେବା ଜରୁରୀ ମଧ୍ୟ। କିନ୍ତୁ ବିକାଶ କାର୍ଯ୍ୟ କରିବା ସମୟରେ ଧ୍ୟାନ ଦେବା ଦରକାର, ତୀର୍ଥକ୍ଷେତ୍ର ତଥା ଐତିହ୍ୟର ବିନାଶ ଯେପରି ନ ହେଉ। ଆଧ୍ୟାତ୍ମିକତା ଅକ୍ଷୁଣ୍ଣ ରହୁ। ବିକାଶ ସମୟରେ କୌଣସି ପ୍ରକାର ବାଧା ମନ୍ଦିର ଉପରକୁ ନ ଆସିବା ଦରକାର। ଶ୍ରୀମନ୍ଦିର ପ୍ରତି ଯେପରି କୌଣସି କ୍ଷତି ନ ହେବା ଆବଶ୍ୟକ। ଯାହା କିଛି ସମସ୍ୟା ରହିଛି ସମସ୍ତ ସମସ୍ୟାର ସମାଧାନ ହେବା ଜରୁରୀ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ପୁରୀ ଗଜପତିଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବା ଆବଶ୍ୟକ। ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଓ ନିର୍ଦ୍ଦେଶକ୍ରମେ ବିକାଶ କାର୍ଯ୍ୟ କରାଯାଉ ବୋଲି ମିଶ୍ର କହିଛନ୍ତି।

## କାମ ସରିବାର ଦେଢ଼ ମାସରେ ରାସ୍ତାରେ ଖାଲ

ବ୍ରହ୍ମଗିରି,୨୪।୫(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ଉନ୍ନତମାନର ସଡ଼କ କରିବା ଲକ୍ଷ୍ୟରେ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ହେଲେ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ରାସ୍ତା କାମ ସରିବାର ଦେଢ଼ ମାସ ମଧ୍ୟରେ ମଝିରେ ବଡ଼ ଖାଲ ହୋଇଗଲାଣି। ଏଭଳି ଅବସ୍ଥା ପୁରୀ ଜିଲା ବ୍ରହ୍ମଗିରି ବ୍ଲକ କାଳିବାଡ଼ିରୁ କହଳପଦା ଗ୍ରାମ ଯିବା ରାସ୍ତାରେ ଦେଖିବାକୁ ମିଳିଛି। ଉକ୍ତ ରାସ୍ତା କାମରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ଥିବାବେଳେ ଏବେ ତାହା ମରଣଯନ୍ତା ପାଲଟିଛି। ଫଳରେ କାମର ସ୍ଥାୟିତ୍ୱ ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ସମୟରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକଅନ୍ତର୍ଗତ କାଳିବାଡିଠାରୁ କହଳପଦା ପ୍ରାୟ ଅଢେଇ କିଲୋମିଟର ରାସ୍ତାର ମରାମତି ପାଇଁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇରାସ୍ତା କାମ କରାଯାଇଛି। ଏହି କାମ ଶେଷ ହେବାର ଦେଢମାସ ନ ପୂରୁଣୁ



ନନ୍ଦପୁରଠାରୁ କିଛି ଦୂରରେ ଏକ ବିରାଟ ଖାଲ ସୃଷ୍ଟି ହୋଇଛି। ଯାହାକି ଏହି ଖାଲ ବର୍ତ୍ତମାନ ଲୋକଙ୍କ ଯାତାୟାତ ପାଇଁ ବିପଦ ସୃଷ୍ଟି କରୁଛି। କୌଣସି ସମୟରେ ବି ଏହି ଖାଲରେ ଲୋକେ ଦୁର୍ଘଟଣାର ଶିକାର ହୋଇପାରନ୍ତି। ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ଦୃଷ୍ଟି ଦେଇ ଏହାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଉକ୍ତ ରାସ୍ତାକାମ ନିମ୍ନମାନର ହୋଇଥିବା ଉକ୍ତ ଅଞ୍ଚଳର ପୂର୍ବତନ ସରପଞ୍ଚ ବିଚିତ୍ରାନନ୍ଦ ପ୍ରଧାନ, ପ୍ରତାପ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଗୁମାନସିଂ କହିଛନ୍ତି, ରାସ୍ତାରେ ଖାଲ ହୋଇଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଅଭିଯୋଗ ପାଇଛି। ଖୁବ୍‌ଶୀଘ୍ର ଏହାକୁ ମରାମତି କରିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛି।





ପୁରୀଠାରେ ମଙ୍ଗଳବାର ଆୟୋଜିତ ରାଜ୍ୟସ୍ତରୀୟ ବିଦ୍ୟୁତ୍ ବିଭାଗର ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ ।

## ବସ୍ତି ଉନ୍ନୟନ କମିଟି ପକ୍ଷରୁ କର୍ମଶାଳା

ପୁରୀ ଅଫିସ, ୨୪।୫:

ପୁରୀ ପୌରାଞ୍ଚଳ ଅନ୍ତର୍ଗତ ୨୪ ନଂ. ୱାର୍ଡର ଘୋଡ଼ାବଜାର ବସ୍ତି ଉନ୍ନୟନ କମିଟି ପକ୍ଷରୁ ମଙ୍ଗଳବାର ଏସ୍‌ସିଏସ୍ କଲେଜ ଛକସ୍ଥିତ ମିଶନ ଶକ୍ତି ଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମ୍ୟୁନିସିପାଲଟିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ପୂର୍ବତନ ନଗରପାଳ ତଥା ବିଜେଡି ନେତ୍ରୀ ଶାନ୍ତିଲତା ପ୍ରଧାନ, ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର, ଗୋଷ୍ଠୀ ସଙ୍ଗଠିକା ମନସ୍ମିତା ଦଳାଇ, ବସ୍ତି କମିଟି ସଭାନେତ୍ରୀ ସି.ଏଚ୍. ରାଜଶ୍ରୀ, ସମ୍ପାଦକ ଟି.ସିମାଦ୍ରୀ ରେଡ୍ଡୀଙ୍କ ସମେତ ଘୋଡ଼ାବଜାର ବସ୍ତି ଉନ୍ନୟନ କମିଟିର କର୍ମକର୍ତ୍ତାଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ। ଏଲ୍‌ସିଡି ମାଧ୍ୟମରେ ସ୍ତ୍ରିବାସିନ୍ଧାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା। ସି.ଏଚ୍. ସନ୍ତୋଷ ରେଡ୍ଡୀ ଧନ୍ୟବାଦ ଦେଇଥିଲେ।





ଏସ୍‌ସିଏସ୍ କଲେଜ ଛକସ୍ଥିତ ମିଶନ ଶକ୍ତି ଗୃହରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅତିଥି ।

## ବିଶ୍ୱ କୁସ୍ତି ଦିବସ ପାଳିତ

ପୁରୀ ଅଫିସ,୨୪।୫

ଶ୍ରୀକ୍ଷେତ୍ର କୁସ୍ତି ମହାସଂଘ ପକ୍ଷରୁ ବିଶ୍ୱ କୁସ୍ତି ଦିବସ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ସୋମବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କୁସ୍ତିର ବିକାଶ ସମ୍ପର୍କରେ ଆଲୋଚନା କରିବା ସହ ସମସ୍ତଙ୍କ ପାଖରେ କୁସ୍ତିକୁ ପହଞ୍ଚାଇବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଓଡ଼ିଶାରେ ପ୍ରଥମଥର ପୁରୀରେ ଏହି ଉତ୍ସବ ପାଳନ ହେଉଥିବା କହିଥିଲେ। ଜାଗା ଆଖଡ଼ାର କର୍ମକର୍ତ୍ତା ଏବଂ କୁସ୍ତି କ୍ରୀଡାବିତ୍‌ଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ବିଧାୟକ ଷଡଙ୍ଗୀ ସମସ୍ତଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ଚଣ୍ଡୀ ପ୍ରସାଦ ସିଂ, କ୍ରୀଡା ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଓଡ଼ିଶା କୁସ୍ତି ସଂଘ ସଭାପତି ରାମଚନ୍ଦ୍ର ପାଢୀ, ପ୍ରଣବ ପଟ୍ଟନାୟକ ଏବଂ ଅଲ୍ ଓଡ଼ିଶା କୁସ୍ତି ସମ୍ପାଦକ ଯୋଗଦେଇଥିଲେ।

## ବିଭିନ୍ନ ସ୍ଥାନରେ ଖୋଲିବ ସୂଚନା କେନ୍ଦ୍ର

ପୁରୀ ଅଫିସ, ୨୪।୫:

### ଡିଆଇପିଆର୍‌ଓ ପକ୍ଷରୁ ରଥଯାତ୍ରା ସମୀକ୍ଷା ବୈଠକ

ଚଳିତ ବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଦୃଷ୍ଟିରେ ରଖି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସୋମବାର ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଗତ ଦୁଇବର୍ଷ ଧରି କୋଭିଡ୍ କଟକଣା ଯୋଗୁ ବିନା ଭକ୍ତରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଚଳିତ ବର୍ଷ କୋଭିଡ୍ ଆଶଙ୍କା କମ୍ ଥିବାରୁ ଭକ୍ତଙ୍କ ଗହଣରେ ରଥଯାତ୍ରା ହେବା ନେଇ ସମ୍ଭାବନା ଦେଖାଦେଇଛି। ରଥଯାତ୍ରାରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସୂଚନା କେନ୍ଦ୍ର ସ୍ଥାପନ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ବିକ୍ରୟ, ଯାତ୍ରୀଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ରଥଯାତ୍ରାର ଧାରା ବିବରଣୀ ଓ ସିଧା ପ୍ରସାରଣ, ଫଟୋଚିତ୍ର ପ୍ରଦର୍ଶନୀ ଇତ୍ୟାଦିକୁ ତ୍ୱରାନ୍ୱିତ କରିବା ଲାଗି ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକୁ ସମ୍ମିଳିତ ଉଦ୍ୟମରେ ସଫଳ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ା ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିବା ସହ ସୂଚନା କେନ୍ଦ୍ର ହେବାକୁ ଥିବା ସ୍ଥାନଗୁଡ଼ିକୁ ଅନୁଧ୍ୟାନ କରି ଆନୁଷଙ୍ଗିକ ବ୍ୟବସ୍ଥା କରିବା ଏବଂ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ କୋଭିଡ୍ ପୂର୍ବବର୍ତ୍ତୀ ବ୍ୟବସ୍ଥା ଅନୁଯାୟୀ ବିଭାଗର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା ପାଇଁ ମତ ଦେଇଥିଲେ। ରଥଯାତ୍ରାର ସଫଳତା ନିମନ୍ତେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମୀକ୍ଷା ବୈଠକରେ ପୂର୍ବତନ ଭାରପ୍ରାପ୍ତ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

## ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

**ବୋଲଗଡ଼,(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗୌଡ଼ନୂଆଗାଁରେ ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ଏକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟକର୍ମୀ ରୀନାରାଣୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୌଡ଼ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହରପ୍ରିୟା ଧଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଗେଡ଼ିଆପଲ୍ଲୀ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ମାଣିବନ୍ଧ ସରପଞ୍ଚ ସୁନନ୍ଦା ବରାଳ ଉପସ୍ଥିତ ଥିଲେ। ମେଡିକାଲ ସୁପରଭାଇଜର ସଞ୍ଜୟ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ଖଗେଶ୍ୱର ମାର୍ଥା, ପ୍ରଫୁଲ୍ଲ ତ୍ରିପାଠୀ, ସ୍ୱାସ୍ଥ୍ୟକର୍ମୀ ମାନସୀ ବେହେରା, ଆଶା ଓ ଅଙ୍ଗନୱାଡି କର୍ମୀ, ୱାର୍ଡମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଉତ୍ସ

**କୃଷ୍ଣପ୍ରସାଦ,୨୪।୫(ଡି.ଏନ୍.ଏ.):** ଜନ୍ମରୁ ୫ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ସୁସ୍ଥ ରହିବା ପାଇଁ ସରକାର ପ୍ରତି ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଉତ୍ସ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ସୋମବାର ଓଜନ ଉତ୍ସ ଅନୁଷ୍ଠିତ ହୋଇଯାଇଛି। ସୁପରଭାଇଜର ଦିପ୍ତୀରାଣୀ ଦଣ୍ଡପାଟଙ୍କ ଉପସ୍ଥିତିରେ ଶିଶୁଙ୍କର ଓଜନ ଓ ଉଚ୍ଚତା ମାପ କରାଯାଇ ଦୁର୍ବଳ ଶିଶୁ ଚିହ୍ନଟ କରାଯାଇଥିଲା। ଶିଶୁ କିଭଳି ସବଳ ହେବେ ସେ ଦିଗରେ ସୁପରଭାଇଜର ଦଣ୍ଡପାଟ ସୂଚନା ଦେଇଥିଲେ। ଏହି ଉତ୍ସବକୁ ସିଆଣ୍ଡି ଅଙ୍ଗନୱାଡି କର୍ମୀ କବିତା ରାଣୀ ବିଶ୍ୱାଳ ଆୟୋଜନ କରିଥିବା ବେଳେ ଯାଞ୍ଚ କମିଟର ସଭାପତି ଦିଗମ୍ବର ପଲାଇ, ମାତୃ କମିଟି ସଭାପତି ସଞ୍ଜୟ କୁମାର ବାରିକିଙ୍କ ସମେତ ସମସ୍ତ କମିଟିର ସଦସ୍ୟ ଏବଂ ଅଭିଭାବକ ମା'ମାନେ ଉପସ୍ଥିତ ଥିଲେ। କୁପୋଷଣର ଶିକାର ରୋକିବା ଦିଗରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

### ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ୍‌ରେ ବୋଲଗଡ଼ର ୪ ପ୍ରତିଯୋଗୀ

**ବୋଲଗଡ଼,୨୪।୫(ଡି.ଏନ୍.ଏ.):** ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଜିଲାସ୍ତରୀୟ ଯୋଗ ଅଲିମ୍ପିଆଡ୍‌ରେ ବୋଲଗଡ଼ର ୧୬ ପ୍ରତିଯୋଗୀଙ୍କ ମଧ୍ୟରୁ ୪ ଜଣ ରାଜ୍ୟସ୍ତରରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଜୁନିୟର ବିଭାଗରେ ମାଣିକାଗୋଡ଼ା ଉଚ୍ଚ ବିଦ୍ୟାଳୟର ରାଜେଶ କୁମାର ମାଟି ଏବଂ ସିନିୟର ବିଭାଗରେ ରାଧାନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ଟାଙ୍ଗୀସାହିର ଦଶମ ଶ୍ରେଣୀ ଛାତ୍ରୀ ସ୍ମୃତିସୁଦ୍ଧା ବିଶ୍ୱାଳ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୋଲଗଡ଼ର ଦଶମ ଶ୍ରେଣୀ ଛାତ୍ରୀ ସସ୍ମିତା ଜେନା ଓ ହରିହର ବିଦ୍ୟାପୀଠ ଅସରଳାର ନବମ ଶ୍ରେଣୀ ଛାତ୍ର ଆଶୁତୋଷ ବେହେରା। ଏନେଇ ବୋଲଗଡ଼ ବ୍ଲକ ଏବିଇଓ ପଦ୍ମଚରଣ ବେହେରା ସୂଚନା ଦେଇଛନ୍ତି।

### ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ପ୍ରସ୍ତୁତି

**କୃଷ୍ଣପ୍ରସାଦ,୨୪।୫(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ। ଏନେଇ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ୫-ଟି ନୋଡାଲ ବିଦ୍ୟାପୀଠରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହେମନ୍ତ ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଜିଲା କ୍ରୀଡ଼ା ଛାତ୍ରାବାସ ଚୟନ ନିମନ୍ତେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ଏହି କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡ଼ାଲ ବିଦ୍ୟାପୀଠରେ ଆୟୋଜନ ହେବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଚରଣ ଜେନା, ଦୁର୍ଯ୍ୟୋଧନ ନାୟକ, ପଞ୍ଚାନନ ଜେନା, ପ୍ରକାଶ ସିଂହ, ପ୍ରମୋଦ ସାହୁ, ଅଶୋକ ସାମଲ, ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ଦୁର୍ଗାଚରଣ ସ୍ୱାଇଁ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ବୁଲୁଛନ୍ତି, ନିର୍ଦ୍ଦୋଷଙ୍କୁ ବାନ୍ଧୁଛି ପୋଲିସ

**ଖୋର୍ଦ୍ଧା ଅଫିସ,୨୪।୫**



ଏସ୍‌ପି କାର୍ଯ୍ୟାଳୟ ଆଗରେ ବ୍ରଜମୋହନପୁର ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ଏସ୍‌ପି ଅଫିସ ଘେରିଲେ ଗ୍ରାମବାସୀ
- ଥାନାଧିକାରୀଙ୍କ ବଦଳି ଦାବି

ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ବୁଲୁଥିବା ବେଳେ ପୋଲିସ ନିର୍ଦ୍ଦୋଷ ଓ ସାଧାରଣ ଲୋକଙ୍କୁ ବାନ୍ଧି ହଇରାଣ କରୁଛି। ଖୋର୍ଦ୍ଧା ସଦର ପୋଲିସ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ବ୍ରଜମୋହନପୁର ଗ୍ରାମବାସୀ। ପ୍ରତିବାଦ କରିବାରୁ ମିଥ୍ୟା ମାମଲାରେ ଫସାଇ ଜେଲ ପଠାଇ ଦେବାକୁ ପୋଲିସ ଧମକ ଦେଉଛି ବୋଲି ଗ୍ରାମବାସୀ ଅଭିଯୋଗ କହିଛନ୍ତି। ମଙ୍ଗଳବାର ଏହାର ପ୍ରତିବାଦରେ ଶତାଧିକ ମହିଳା ପୁରୁଷ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ସଦର ଥାନା ପୋଲିସ ବିରୋଧରେ ବର୍ଷିଥିଲେ। ପୋଲିସ ବିଭାଗରେ ସ୍ୱଚ୍ଛତା ଆଣିବା ଲାଗି ସରକାର ମୋ ସରକାରରେ ଅନ୍ତର୍ଭୁକ୍ତ କରିଛନ୍ତି। ତେବେ ପୋଲିସ କାହା ସ୍ୱାର୍ଥରେ କାମ କରୁଛି। ଏଠାରେ ମୋ ସରକାର ପ୍ରହସନ ପାଲଟିଛି ବୋଲି ଗ୍ରାମବାସୀ କହିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ୨୦୧୨ ମସିହାରେ ବ୍ରଜମୋହନପୁର ଗ୍ରାମର ବିଭୂତି ବୈରାଗଞ୍ଜନଙ୍କୁ ଗୋପୀନାଥପୁର ଗ୍ରାମର ଜଣେ ଯୁବକ ହତ୍ୟା କରିଥିଲେ। ଏଯାବତ୍ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଅନ୍ୟପଟେ ଅଭିଯୁକ୍ତଙ୍କୁ ପୋଲିସ ଧରିବା ପରିବର୍ତ୍ତେ ହତ୍ୟାର ଶିକାର ବିଭୂତିଙ୍କ ସାନଭାଇଙ୍କୁ ଗିରଫ କରିଛି। ଫଳରେ ସଦର ଥାନାଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ଘଟଣାର ନିରପେକ୍ଷ ତଦନ୍ତ କରି ସଦର ଥାନାଧିକାରୀଙ୍କୁ ଏଠାରୁ ତୁରନ୍ତ ବଦଳି ଲାଗି ଦାବି କରିଛନ୍ତି। କେଉଁ କାରଣରୁ ତାଙ୍କୁ ଗିରଫ କରାଯାଇଛି, ତାଙ୍କ ବିରୋଧରେ କ'ଣ କେସ୍ ରହିଛି, ତାହା ବାରମ୍ବାର ପଚାରିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ଉତ୍ତର ଦିଆଯାଉନାହିଁ। ଥାନାକୁ ବାରମ୍ବାର ଆସିଲେ, ଜେଲ୍‌ରେ ପୂରାଇ ଦେବାକୁ ଧମକ ଦିଆଯାଉଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ଏବେ ସ୍ୱତନ୍ତ୍ର ୱାରେଣ୍ଟି ଡ୍ରାଇଭ୍ ଚାଲିଛି। ପୁରୁଣା କେସ୍‌ରେ ତାଙ୍କୁ ଗିରଫ କରାଯାଇଛି। ଗ୍ରାମବାସୀ ଦେଇଥିବା ଅଭିଯୋଗକୁ ତର୍ଜମା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

### ଖଣି ମାଫିଆଙ୍କ ସହ ଥାନା ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

ଖୋର୍ଦ୍ଧାରେ ମାଙ୍କଡା ପଥର ଚୋରା ଚାଲାଣ ବଢ଼ିଚାଲିଛି। ସଦର ଥାନା ଅଞ୍ଚଳରେ ପଥର ମାଫିଆଙ୍କ ସହ ଥାନାଧିକାରୀଙ୍କ ସମ୍ପୃକ୍ତି ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ବ୍ରଜମୋହନପୁର ଗ୍ରାମବାସୀ। ମଙ୍ଗଳବାର ଶତାଧିକ ଗ୍ରାମବାସୀ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ପୋଲିସ ଗିରଫ ପ୍ରତିବାଦରେ ଏସପି ଅଫିସ ଘେରାଉ କରିବା ସହ ଥାନାଧିକାରୀଙ୍କ ବିରୋଧରେ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରଜମୋହନପୁର ଗ୍ରାମରେ ବେଆଇନ ଭାବେ ମାଙ୍କଡା ଚୋରା ଚାଲାଣ ଚାଲିଛି। ଖଣି ମାଫିଆଙ୍କ ଠାରୁ ଥାନାଧିକାରୀ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଇ ତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଅଞ୍ଚଳକୁ ଖାଲଖମା କରିସାରିଲାଣି। ଏପରିକି ସମ୍ପୃକ୍ତ ମାଫିଆଙ୍କ ପ୍ରରୋଚନାରେ ଥାନାଧିକାରୀ ଗ୍ରାମବାସୀଙ୍କୁ ହଇରାଣ କରୁଛନ୍ତି। ସମ୍ପୃକ୍ତ ମାଫିଆ ଓ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ସଦର ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ୭୫ହଜାର ଟଙ୍କାର ଗଞ୍ଜେଇ ଜବତ: ଜଣେ ଗିରଫ

**ଜଟଣୀ,୨୪।୫**



ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ଜିଆରପି ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଜିଲା ଶରଣକୁଳ ଥାନା ଅନ୍ତର୍ଗତ ବଡ଼ଗରୋଡ଼ା ଗ୍ରାମର ମନୋଜ କୁମାର ବେହେରା। ତାଙ୍କ ନିକଟରୁ ୭କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୭୫ହଜାର ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ.୫୬/୨୨)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି।

ସୂଚନା ମୁତାବକ, ଗତ ସୋମବାର ଜିଆରପି ରେଳ ଷ୍ଟେଶନ ପରିସରରେ ଯାଞ୍ଚ କରୁଥିବା ବେଳେ ଜଣେ ବ୍ୟକ୍ତି ସନ୍ଦିଗ୍ଧ ଭାବେ ବୁଲୁଥିବା ଦେଖିବାକୁ ପାଇଥିଲେ। ଯୁବକ ଜଣଙ୍କ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିନେଇଥିଲା। ଉକ୍ତ ଗଞ୍ଜେଇ ସୁରଟକୁ ଚାଲାଣ ପାଇଁ ଅଭିଯୁକ୍ତ ଷ୍ଟେଶନରେ ପୁରୀ-ସୁରତ ଗାନ୍ଧୀଗ୍ରାମ ଏକ୍ସପ୍ରେସକୁ ଅପେକ୍ଷା କରିଥିଲା ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

## ବରୁଣେଇ ପୀଠ ହେବ ପୁନରୁଦ୍ଧାର

**ଖୋର୍ଦ୍ଧା ଅଫିସ,୨୪।୫**

### ରୋପ୍ ୱେ ପାଇଁ ୨ କୋଟି ମଞ୍ଜୁର

ଖୋର୍ଦ୍ଧାର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ହେଉଛି ବରୁଣେଇ ପୀଠ। ଏଠାରେ ମା' ବରୁଣେଇ ଓ କରୁଣେଇଙ୍କ ଆସ୍ଥାନ ରହିଛି। ଏହାର ପ୍ରାକୃତିକ ପରିବେଶ ଏବଂ ମା'ଙ୍କ ମହିମା ଶ୍ରଦ୍ଧାଳୁଙ୍କୁ ଏଠାକୁ ଟାଣିଆଣେ। ବରୁଣେଇ ପାହାଡ଼ ଦେଖିବାକୁ ହସ୍ତି ସଦୃଶ। ପାହାଡ଼ ଉପରେ ଥିବା ସୀତାକୁଣ୍ଡ, ପାଣ୍ଡବ ଗୁମ୍ଫା ଏବଂ ବୌଦ୍ଧ କୀର୍ତ୍ତିରାଜି ଏହାର ଐତିହାସିକତାର ପରିଚୟ ବହନ କରେ। ଏହି ପୀଠର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ବରୁଣେଇରେ ରଜ ମହୋତ୍ସବ ଆୟୋଜନ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକରେ ଯୋଗଦେଇ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହା କହିଛନ୍ତି। ଏହାର ଉନ୍ନତୀକରଣ ଲାଗି ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ତେବେ କୋଭିଡ୍ କଟକଣା ଯୋଗୁ ଦୁଇବର୍ଷ ଧରି କାର୍ଯ୍ୟ ଅଟକି ରହିଛି। ପାହାଡ଼ ଉପରକୁ ଯିବା ଲାଗି ଏକ ରୋପ୍ ୱେ ନିର୍ମାଣ କରାଯିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ୨କୋଟି ଟଙ୍କା ଅନୁମୋଦନ ହୋଇଛି। ସେହିପରି ବରୁଣେଇ ପାଦଦେଶରେ ରହିଥିବା ଶହୀଦ ସ୍ତମ୍ଭର ମଧ୍ୟ ଉନ୍ନତୀକରଣ କରାଯିବ। ୧ କୋଟି ବ୍ୟୟ ଅଟକଳରେ ଚାଲିଥିବା ବରୁଣେଇ ସ୍ମାର୍ଟ ପାର୍କ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଲୋକାର୍ପିତ କରାଯିବ। ପର୍ଯ୍ୟଟକଙ୍କ ପାଇଁ ପାନୀୟଜଳ, ପାର୍କିଂ ବ୍ୟବସ୍ଥା କରାଯିବ। ପର୍ଯ୍ୟଟନ ମାନଚିତ୍ରରେ ବରୁଣେଇ ପୀଠର ଆଧୁନିକୀକରଣ ଏବଂ ସୌନ୍ଦର୍ଯ୍ୟକରଣ ଲାଗି ପର୍ଯ୍ୟାୟକ୍ରମେ ବ୍ୟବସ୍ଥା କରାଯିବ ବୋଲି ବିଧାୟକ ମିତ୍ର କହିଛନ୍ତି।

## ଧାରଣା ପରେ ଯୋଗ ଦେଲେ ୪ ଶିକ୍ଷକ

**ବୋଲଗଡ଼,୨୪।୫(ଡି.ଏନ୍.ଏ.)**

ବାରମ୍ବାର ଅଭିଯୋଗ ଓ ଧାରଣା ପରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ ହଳଦୀପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଶିକ୍ଷକ ଯୋଗଦେଇଛନ୍ତି। ସେମାନେ ହେଲେ ଶିକ୍ଷୟିତ୍ରୀ ସୁନିତା ପାଇକରାୟ, ସସ୍ମିତା ସୁନ୍ଦରାୟ, ଶ୍ରଦ୍ଧାଞ୍ଜଳି ଜେନା, ଶିକ୍ଷକ ପ୍ରଫୁଲ୍ଲ କୁମାର ସିଂହ। ସୂଚନାଥାଉ କି, ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୨ଜଣ ଶିକ୍ଷକ ଥିବାରୁ ପାଠପଢ଼ା ବ୍ୟାହତ ହେଉଥିଲା। ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହେବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲାନାହିଁ। ଏହାର ପ୍ରତିବାଦରେ ଏପ୍ରିଲ ୧୦ରେ ସ୍କୁଲ ଆଗରେ ଛାତ୍ରଛାତ୍ରୀ ଓ ଅଭିଭାବକ ଧାରଣା ଦେଇଥିଲେ। ଖୁବ୍‌ଶୀଘ୍ର ଶିକ୍ଷକ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଘଟଣାକୁ ଦେଢ଼ମାସ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲାନାହିଁ। ଏହାର ପ୍ରତିବାଦରେ ପୁଣି ଗତ ସୋମବାର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଧାରଣା ଦେଇଥିଲେ। ଖବର ପାଇ ବ୍ଲକ ସହ ଶିକ୍ଷାଧିକାରୀ ପଦ୍ମଚରଣ ବେହେରା ପହଞ୍ଚି ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ମୁତାବକ ମଙ୍ଗଳବାର ଏଠାରେ ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି।

## ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ରଶ୍ମିତା

**ଜଟଣୀ,୨୪।୫(ଡି.ଏନ୍.ଏ.)**



ଜଟଣୀ ବ୍ଲକ ଅଙ୍ଗାରପଡ଼ା ପଞ୍ଚାୟତର ପାଣିଓରା ଆଦିବାସୀ ସାହିର ରଶ୍ମିତା ପ୍ରଧାନ। ବୟସ ୧୨ ବର୍ଷ। ଜନ୍ମରୁ ପୋଲିଓରେ ପୀଡ଼ିତ। ରଶ୍ମିତା ଚାଲିପାରୁ ନ ଥିବା ବେଳେ କଥା ମଧ୍ୟ କହିପାରୁନାହାନ୍ତି। ବାପା ଦିଲୀପ ପ୍ରଧାନ ଜଣେ ଦିନମଜୁରିଆ ହୋଇଥିବାରୁ ଝିଅର ଉପଯୁକ୍ତ ଚିକିତ୍ସା କରିପାରୁନାହାନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ବହୁ ସରକାରୀ ଯୋଜନା ରହିଥିଲେ ମଧ୍ୟ ସମସ୍ତ ଯୋଜନାରୁ ବଞ୍ଚିତ ରଶ୍ମିତା। ଭିନ୍ନକ୍ଷମ ଭତ୍ତା, ରାଶନ କାର୍ଡ ଓ ଯାତାୟାତ ପାଇଁ ଟ୍ରାଇସାଇକେଲ ମଧ୍ୟ ମିଳିପାରିନାହିଁ। ଚଳିତ ପଞ୍ଚାୟତ ନିର୍ବାଚନରେ ଅନେକ ନେତା ଭୋଟ୍ ପାଇଁ ଦିଲୀପଙ୍କ ଘରକୁ ଆସିଥିବା ବେଳେ ରଶ୍ମିତାଙ୍କୁ ସରକାରୀ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଲାନାହିଁ। ଫଳରେ ଅସହାୟ ଜୀବନ ବିତାଉଛନ୍ତି ବୋଲି କହିଛନ୍ତି ରଶ୍ମିତାଙ୍କ ମା' ଉଷାରାଣୀ। ନିକଟରେ ପ୍ରଶାସନ ପକ୍ଷରୁ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲେ ମଧ୍ୟ ରଶ୍ମିତା ଏଥିରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ରଶ୍ମିତାଙ୍କୁ ସରକାରୀ ସହାୟତା ଓ ଟ୍ରାଇସାଇକେଲ ପ୍ରଦାନ କରିବା ପାଇଁ ଗ୍ରାମର ରାଧୁଚରଣ ପ୍ରଧାନ ଦାବି କରିଛନ୍ତି। କୌଣସି ସହୃଦୟ ବ୍ୟକ୍ତି କିମ୍ବା ପ୍ରଶାସନ ରଶ୍ମିତାଙ୍କୁ ସହାୟତା କରିବା ପାଇଁ ମା'ବାପା ନିବେଦନ କରିଛନ୍ତି।

## ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

# ଫାଇଟର-୧୧ ବିଜୟୀ

**ଜଟଣୀ,୨୪।୫(ଡି.ଏନ୍.ଏ.)**



ମ୍ୟାଚ୍‌ରେ ଯୋଗ ଦେଇଥିବା ଖେଳାଳିମାନେ।

ଜଟଣୀ ବ୍ଲକ ଅନ୍ତର୍ଗତ ତିରିମଲ୍ଲ ଏବଂ ବେଣାପଞ୍ଝୁରୀ ପଞ୍ଚାୟତରେ ମିଳିତ ଭାବେ ଅନୁଷ୍ଠିତ ପ୍ରଥମ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ସୁପରଓଭରରେ ଏବିଡି ୱାରିୟରକୁ ହରାଇ ଫାଇଟର-୧୧ ଟିମ୍ ବିଜୟୀ ହୋଇଛି। ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା ଏହି ମ୍ୟାଚ୍‌ରେ ଏବିଡି ୱାରିୟର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୨୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଫାଇଟର-୧୧ ଟିମ୍ ମଧ୍ୟ ସମାନ ୧୨୩ ରନ୍ ସଂଗ୍ରହ କରିଥିଲା। ଫଳରେ ସୁପରଓଭରର ସହାୟତା ନିଆଯାଇଥିଲା। ସୁପରଓଭରରେ ଫାଇଟର-୧୧ ପ୍ରଥମେ ବ୍ୟାଟିଂ କରି ୧ ଓଭରରେ ୨୦ ରନ ସଂଗ୍ରହ କରିଥିଲା। ଜବାବରେ ଏବିଡି ୱାରିୟର ୧ ଓଭରରେ ୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ନିଲୁ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥି ଭାବେ ବେଣାପଞ୍ଝୁରୀ ପଞ୍ଚାୟତ ସାମାଜିକ ଗଣମାଧ୍ୟମ ସମ୍ପାଦକ ଏମ୍‌ଡି ନୁସ୍‌ରତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଯୁବକଙ୍କ ଟେର୍ ପାଉନି ପୋଲିସ

**ନିରାକାରପୁର,୨୪।୫(ଡି.ଏନ୍.ଏ.)**

ଜଙ୍କିଆ ଥାନା ଅନ୍ତର୍ଗତ ବାଲିଗାଡିଆ ଗ୍ରାମର ଆଶିଷ କୁମାର ବେହେରା(ବବୁଲ) ଗତ ୧୮ ତାରିଖରୁ ନିଖୋଜ ଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ବବୁଲଙ୍କ ସନ୍ଧାନ ପାଇପାରି ନାହିଁ। ଏ ନେଇ ଥାନାରେ ଏକ ମାମଲା (ନଂ.୧୮୧/୨୨) ରୁଜୁ ହୋଇଛି। ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି। ସୂଚନା ମୁତାବକ, ବବୁଲ ୧୮ ତାରିଖରେ ଗୋଡିପଡା ଛକରୁ ଘରକୁ ଆସୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ବନ୍ଦ ଫ୍ୟାକ୍ଟ୍ରି ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାରପିଟ କରିଥିଲେ। ସେହିଦିନ ଠାରୁ ପୁଅ ନିଖୋଜ ଥିବା ନେଇ ବାପା ଦିଲୀପ ବେହେରା ୧୯ତାରିଖରେ ଅଭିଯୋଗ କରିଥିଲେ।

## ଦରମା ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବି

**ଖୋର୍ଦ୍ଧା ଅଫିସ,୨୪।୫**

### ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନରେ ଶିକ୍ଷକଙ୍କ ଅନୁପସ୍ଥିତି ପ୍ରସଙ୍ଗ

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ଖାତା ମୂଲ୍ୟାୟନ ଚାଲିଛି। ମେ' ୨୧ରୁ ଏହି ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲାର ବିଜେବି ହାଇସ୍କୁଲ ସମେତ ଭୁବନେଶ୍ୱରର ୨ଟି ହାଇସ୍କୁଲରେ ଖାତାଦେଖା ଚାଲିଛି। ତେବେ ପ୍ରଥମ ଦିନରେ ଜିଲାର ୪୨ଜଣ ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଜିଲା ଶିକ୍ଷାଧିକାରୀ ସମ୍ପୃକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ସହ ମେ'୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଦରମା ବନ୍ଦ ଲାଗି ସମ୍ପୃକ୍ତ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ନୋଟିସ କରିଥିଲେ। ତେବେ ଶିକ୍ଷକଙ୍କ ଦରମା ବନ୍ଦକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା), ଖୋର୍ଦ୍ଧା ଜିଲା ଶାଖା ଅସନ୍ତୋଷ ପ୍ରକାଶ କରିଛି। ଶିକ୍ଷକଙ୍କ ଦରମା ବନ୍ଦ ନିର୍ଦ୍ଦେଶ ବାତିଲ ଲାଗି ସଂଘ ଦାବି କରିଛି। ଓଷ୍ଟା ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଅନ୍ୟାନ୍ୟ କାରଣରୁ ସମ୍ପୃକ୍ତ ଶିକ୍ଷକମାନେ ଖାତା ମୂଲ୍ୟାୟନରେ ଯୋଗଦେଇପାରି ନ ଥିବା ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନୁପସ୍ଥିତ ଶିକ୍ଷକମାନେ ସେମାନଙ୍କ ପ୍ରତିବଦଳରେ ଅନ୍ୟ ଶିକ୍ଷକଙ୍କୁ ନିୟୋଜିତ କରି ମୂଲ୍ୟାୟନରେ ପରୋକ୍ଷରେ ସହଯୋଗ କରିଛନ୍ତି। ଏପରି କି ବିଦ୍ୟାଳୟରେ ଅଦ୍ୟାବଧି କାର୍ଯ୍ୟରତ ଅଛନ୍ତି। ପ୍ରତିବର୍ଷ ଖାତା ମୂଲ୍ୟାୟନରେ ଶିକ୍ଷକମାନେ ନିଜ ଦାୟିତ୍ୱ ସୁଚାରୁଭାବେ ନିର୍ବାହ କରିଆସୁଛନ୍ତି। ଅନୁପସ୍ଥିତ ଶିକ୍ଷକମାନେ ଡିଇଓ ବିଶ୍ୱନାଥ ତରାଇଙ୍କୁ କାରଣ ଦର୍ଶାଅ ନୋଟିସର ଉତ୍ତର ରଖିଛନ୍ତି। ସହୃଦୟତାର ସହ ବିଚାରକୁ ନେଇ ସେମାନଙ୍କ ଦରମା ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଲାଗି ଓଷ୍ଟା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ର, ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ମଧୁସୂଦନ ଦେ, ଶିଶିର ଦାସ, ଗଣେଶ୍ୱର ମିଶ୍ର ପ୍ରମୁଖ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଏଥର ଜମିବ ବରୁଣେଇ ରଜ ମହୋତ୍ସବ

**ଖୋର୍ଦ୍ଧା ଅଫିସ,୨୪।୫**



ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

### ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ, ଷ୍ଟଲ୍ ଖୋଲିବ

ଖୋର୍ଦ୍ଧାର ବରୁଣେଇ ପୀଠରେ ଚଳିତ ବର୍ଷ ଜମିବ ରଜ ମହୋତ୍ସବ। କରୋନା ସଂକ୍ରମଣ ହ୍ରାସ ପରେ ଚଳିତବର୍ଷ ମହୋତ୍ସବ ଆୟୋଜନ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଏବଂ ସାମାଜିକ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ମିଳିତ ଆନୁକୂଲ୍ୟରେ ୧୪ତମ ରଜ ମହୋତ୍ସବକୁ ଆଡ଼ମ୍ବର ସହକାରେ ପାଳନ କରାଯିବ। ଏନେଇ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜ ସଂକ୍ରାନ୍ତିଠାରୁ ତିନିଦିନ ଧରି ହେବାକୁ ଥିବା ମହୋତ୍ସବର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଏବଂ ସନ୍ଧ୍ୟା ୫ଟାରୁ ୮ଟା ପର୍ଯ୍ୟନ୍ତ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପିଲାଙ୍କ ମଧ୍ୟରେ ରଜଦୋଳି, ରଜପାନ ଭଙ୍ଗା, ହୁଳହୁଳି, ପୁଚି, କବାଡ଼ି ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିସହ ରଜଦୋଳି ନୃତ୍ୟ, ଆଧୁନିକ ନୃତ୍ୟ, ଭଜନ ସମାରୋହ, ମେଲୋଡି, ଛଉ ଓ ଗୋଟିପୁଅ, ଓଡ଼ିଶୀ ଏବଂ ସଙ୍ଗ୍ ଆଣ୍ଡ ଡ୍ରାମା ଡିଭିଜନ ଓ ଓଡ଼ିଶା ରିସର୍ଚ୍ଚ ସେଣ୍ଟର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବ। ଜିଲା ସଂସ୍କୃତି ବିଭାଗ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପାଇକ ଆଖଡ଼ା ଓ ସଂକୀର୍ତ୍ତନ ସମାରୋହ ଆୟୋଜନ କରାଯିବ। ଦୁଇବର୍ଷ ପରେ ଏହି ପୀଠରେ ମହୋତ୍ସବ ଆୟୋଜନ ହେଉଥିବାରୁ ପ୍ରବଳ ଜନସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ଟ୍ରାଫିକ୍, ଭିଡ଼ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯିବ। ଅଧିକ ସଂଖ୍ୟକ ପୋଲିସ ମୁତୟନ କରାଯିବ ବୋଲି ଏଏସ୍‌ପି ମୁର୍ମୁ କହିଛନ୍ତି। ଜନସ୍ୱାସ୍ଥ୍ୟ ଓ ପୌରପାଳିକା ପକ୍ଷରୁ ଟ୍ୟୁବ୍‌ୱେଲ ମରାମତି ସହ ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯିବ। ପୌରପାଳିକା ପକ୍ଷରୁ ଜାତୀୟ ରାଜପଥ ଏବଂ ଉତ୍ସବ ସ୍ଥଳରେ ୨ଟି ତୋରଣ ନିର୍ମାଣ, ଆଲୋକୀକରଣ ଓ ପରିମଳ, ବରୁଣେଇ ମନ୍ଦିର ପାର୍ଶ୍ୱ ପରିଷ୍କାର, ବରୁଣେଇ ଛକରୁ ପାଦଦେଶ ପର୍ଯ୍ୟନ୍ତ ଆଲୋକୀକରଣ, ଦୋକାନ ଓ ଷ୍ଟଲ୍‌ରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବେ। ଉତ୍ସବ ସ୍ଥଳରେ ଆବଶ୍ୟକ ବିଦ୍ୟୁତ୍ ସଂଯୋଗ ଲାଗି ବିଭାଗ ନିର୍ବାହୀଯନ୍ତ୍ରୀ ବ୍ୟବସ୍ଥା କରିବେ। ଅଗ୍ନିଶମ ସେବାସଂସ୍ଥା ପକ୍ଷରୁ ମଞ୍ଚ, ଷ୍ଟଲ୍ ଏବଂ ଦୋକାନ ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବେ। ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ଆମ୍ବୁଲାନ୍ସ ବ୍ୟବସ୍ଥା କରିବ। ମହୋତ୍ସବକୁ ଅଧିକ ଆକର୍ଷଣୀୟ ଲାଗି ଷ୍ଟଲ୍ ଖୋଲାଯିବ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ରୋଭର୍ସ ଓ ସ୍କାଉଟ୍ସ ଗାଇଡ୍ସଙ୍କୁ ନିୟୋଜିତ କରାଯିବ। ଓଟିଡିସି ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ୍ ପାଇଁ ଅନୁରୋଧ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ବୈଠକ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରୁମାନା ଜାଫ୍ରି, ବିଇଓ ସନ୍ଧ୍ୟାରାଣୀ ରାଉତ, ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଦିଶାନ୍ତର ସଦସ୍ୟମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୫ ମେ, ୨୦୨୨

**ପାଞ୍ଚଗାଁରେ ସାମାଜିକ ନାଟକ ମଞ୍ଚସ୍ଥ**

ତିଗିରିଆ,(ଡି.ଏନ୍.ଏ.): ତିଗିରିଆ ବ୍ଲକ ପାଞ୍ଚଗାଁସ୍ଥିତ ଦଳେଇସାହିର ଯୁବ କଳାକାରମାନଙ୍କୁ ନେଇ ଗଠିତ ମା'ଦୁର୍ଗାଦେବୀ ଡ୍ରାମାଟିକ୍ ଆସୋସିଏଶନ ପକ୍ଷରୁ ସାମାଜିକ ନାଟକ 'ଏଠି ତୋର ଦୋଷ ନାଁ ମୋର ଦୋଷ' ମଞ୍ଚସ୍ଥ ହୋଇଯାଇଛି। ପାଞ୍ଚଗାଁ ଓ ଏହାର ଆଖପାଖ ଅଞ୍ଚଳର ଯୁବକମାନଙ୍କ ସହଯୋଗରେ ଗୁରୁ ପଦ୍ମଚରଣ ଦାସ ଏହାର ନିର୍ଦ୍ଦେଶନା ଦେଇଥିଲେ। ସମୀର ମାଝି ପରିଚାଳନା କରିଥିଲେ। ଏହି ଅବସରରେ ଆସୋସିଏଶନ ତରଫରୁ ଗୁରୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ସଂକ୍ଷେପରେ

### ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ



କଟକ ଅଫିସ,୨୪।୫: ନୂଆବଜାର ଅଂଚଳରେ ବେଆଇନ ଭାବେ ରାସ୍ତା ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ନୂଆବଜାର ଦୁର୍ଗାମଣ୍ଡପଠାରୁ ତିନିଘରିଆ ଏବଂ ତାଳଦଣ୍ଡା କେନାଲ ପାର୍ଶ୍ୱରୁ ୧୫ରୁ ଉର୍ଦ୍ଧ୍ୱ ଉଠାଦୋକାନ ଭଙ୍ଗାଯାଇଛି। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କରାଯାଇଥିବାବେଳେ ଚାଉଳିଆଗଞ୍ଜ ପୋଲିସ ସହଯୋଗ କରିଥିଲା।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମୀକ୍ଷା ବୈଠକ

ବାଙ୍କୀ,୨୪।୫(ସ୍ୱ.ପ୍ର): ମାହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଅଗ୍ରଗତି ସମ୍ପର୍କରେ ମଙ୍ଗଳବାର ବାଙ୍କୀ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଯୋଗେଶ୍ୱର ନାୟକଙ୍କ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧମରେ କିପରି ବୃକ୍ଷରୋପଣ କରାଯିବ ସେନେଇ ଆଲୋଚନା ହେବା ସହ ସମୀକ୍ଷା ହୋଇଥିଲା। ଏଥିସହ ବର୍ଷାଜଳର କିପରି ସଦୁପଯୋଗ କରାଯିବ ସେ ସମ୍ପର୍କରେ ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦାୟିତ୍ୱରେ ଥିବା ଅଧିକାରୀ ଇତିଶ୍ରୀ ସେନାପତି ବୁଝାଇଥିଲେ। ବୈଠକରେ ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ଜଳସେଚନ, ବନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବ୍ଲକର ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ।

### ମା' ଚର୍ଚ୍ଚିକାଙ୍କ ଚନ୍ଦନ ଯାତ୍ରା



ବାଙ୍କୀ,୨୪।୫(ସ୍ୱ.ପ୍ର.): ମା' ଚର୍ଚ୍ଚିକାଙ୍କ ପୀଠରେ ୩ଦିନ ଧରି ଚାଲିଥିବା ଚନ୍ଦନ ଯାତ୍ରା ସୋମବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ମା'ଙ୍କ ଚଳନ୍ତି ପ୍ରତିମା କନକ ଦୁର୍ଗାଙ୍କୁ ଚନ୍ଦନ କୁଣ୍ଡରେ ରଖାଯାଇ ସୁସଜ୍ଜିତ ବିମାନରେ ବିଜେ କରାଯାଇଥିଲା। ପରେ ମା'ଙ୍କ ପ୍ରତିମାକୁ ବିମାନରେ ସହର, ଗ୍ରାମ ପରିକ୍ରମା କରାଯାଇଥିଲା। ବିଳମ୍ବିତ ରାତିରେ ମା' ମହାନଦୀରେ ଡଙ୍ଗାରେ ବସି ଚାପ ଖେଳିଥିଲେ। ଡଙ୍ଗାରେ ମା'ଙ୍କୁ ନୈବେଦ୍ୟ ଅର୍ପଣ କରାଯାଇ ଥିଲା। ଏହି ଯାତ୍ରାରେ ଶହଶହ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଉତ୍ସବରେ କାଳନ୍ଦୀ ଚରଣ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ଋଷି କୁମାର ରଣା, ନୀଳମଣି ମହାପାତ୍ର, ବେଣୁଧର ରଣା, ପ୍ରଣବ ମହାପାତ୍ର, ଅନନ୍ତ ରଣା, ସୁଶାନ୍ତ ମହାପାତ୍ର ପ୍ରମୁଖ ସେବାୟତ ଯୋଗଦେଇଥିଲେ।

# ବର୍ଷକରେ ସରିବ କଟକଚଣ୍ଡୀ ମନ୍ଦିର ଉନ୍ନୟନ କାର୍ଯ୍ୟ

କଟକ ଅଫିସ, ୨୪।୫



ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଡିସିପି ପିନାକ ମିଶ୍ରଙ୍କ ସହ ଅନ୍ୟମାନେ।

**ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା ବୈଠକ**

- ଯାତ୍ରୀଙ୍କ ପାଇଁ ନିର୍ମାଣ ହେବ ପାର୍କିଂ, ଶୌଚାଳୟ
- ବ୍ୟାଙ୍କ ଲକ୍‌ରରେ ରଖାଯିବ ମନ୍ଦିରର ଅଳଙ୍କାର

ଆସନ୍ତା ଏକବର୍ଷ ମଧ୍ୟରେ କଟକଚଣ୍ଡୀ ମନ୍ଦିର ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏଥିପାଇଁ ମନ୍ଦିର ନିକଟ ଓ ଚାରିପାଖରେ ଥିବା ଦୋକାନଗୁଡ଼ିକ ଆସନ୍ତା ୧୫ ଦିନ ମଧ୍ୟରେ ଖାଲି କରାଯିବ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ମା' କଟକଚଣ୍ଡୀ ମନ୍ଦିର ଉନ୍ନୟନ ପ୍ରକଳ୍ପ ସମୀକ୍ଷା ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏଥିରେ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ସରକାରୀ ଜାଗାରେ ଅପ୍ରାଧିକୃତ ଦୋକାନୀମାନଙ୍କୁ କ୍ଷତିପୂରଣ ବାବଦରେ ୫୦ ହଜାର ଟଙ୍କା ଓ ପଞ୍ଜୀକୃତ ଦୋକାନୀମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଦୋକାନ ଖାଲି କରିବା ଦିନ ପ୍ରଦାନ କରାଯିବ। ସେହିପରି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ ଯୋଗଦେଇ କହିଥିଲେ, ଖାଲି କରିଥିବା ୧୮ ଜଣ ଦୋକାନୀଙ୍କୁ ନୂତନ ଦୋକାନ ନିର୍ମାଣ କରାଯାଇ ପ୍ରକଳ୍ପ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଦିଆଯିବ। ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଦୋକାନ ପଛପଟେ ପାର୍କିଂ ଓ ଶୌଚାଳୟ ନିର୍ମାଣ କରାଯିବ। ୱାଟ୍‌କୋ, ଟିପିସିଓଡିଏଲ୍, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଉପଯୁକ୍ତ ପ୍ଲାନିଂ କରିବାକୁ ସାମଲ କହିଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ ଯୋଗଦେଇ ୧୮ ଦୋକାନୀଙ୍କ ମଧ୍ୟରୁ ୧୬ ଜଣଙ୍କର ବକେୟା ଥିବା ଭଡ଼ା ୩, ୩୭, ୬୦୦ ଟଙ୍କା ପଇଠ କରିବାକୁ କହିଥିଲେ। ଏଥିସହ ପ୍ରଥମ ମହଲାରେ ଥିବା କୋଚିଂ ସେଣ୍ଟର ଓ ଛାତ୍ରୀନିବାସର ବକେୟା ଥିବା ୩,୮୪,୭୮୦ ଟଙ୍କା ପଇଠ କରିବାକୁ ସେ କହିଥିଲେ। ରାସ୍ତା ତଳେ ସମସ୍ତ ବିଦ୍ୟୁତ୍ ଲାଇନ୍ ଯିବ ଏବଂ ମନ୍ଦିର ନକ୍ସା ଓ ନିର୍ମାଣ କାର୍ଯ୍ୟ ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍‌ଶନ କର୍ପୋରେଶନ(ଓବିସିସି) କରିବ। ରାସ୍ତା ନିର୍ମାଣ ଆର୍ ଆଣ୍ଡ ବି କର୍ତ୍ତୃପକ୍ଷ କରିବେ ଓ କଟକଚଣ୍ଡୀ ମନ୍ଦିରର ଅଳଙ୍କାର ଏକ ବ୍ୟାଙ୍କ ଲକ୍‌ରରେ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଡିସିପି ପିନାକ ମିଶ୍ର, ଆର୍‌ଡିସିଙ୍କ ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ମନ୍ଦିର ନିକଟରେ କରିଥିବା ଦୋକାନୀ ଯୋଗ ଦେଇଥିଲେ।

**ଶୈଳବାଳା କଲେଜ ପାଚେରିରୁ ୨୦ ଫୁଟ ଭିତରକୁ ଭଙ୍ଗାଯିବ**

କଟକଚଣ୍ଡୀ ମନ୍ଦିରର ଉନ୍ନତୀକରଣ ପାଇଁ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ ସହ ଜମି ଅଧିଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର କିଛି ଜମି ଅଧିଗ୍ରହଣ କରାଯିବ। ଏଥିପାଇଁ ମଙ୍ଗଳବାର ଆର୍‌ଡିସି ଦଳାଇ, ଜିଲାପାଳ ଚୟନୀ, ସିଡିଏ ଅଧ୍ୟକ୍ଷ ସାମଲ, କମିଶନର ଦାସ ପ୍ରମୁଖ ଶୈଳବାଳା କଲେଜ ପରିଦର୍ଶନ କରିଥିଲେ। ପାଚେରି କେଉଁଠୁ କେଉଁ ପର୍ଯ୍ୟନ୍ତ ଭଙ୍ଗାଯିବ ଓ କିଭଳି କାର୍ଯ୍ୟ କରାଯିବ ସେ ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ। ତେବେ ରାସ୍ତା ପାର୍ଶ୍ୱରେ ଥିବା ଶୈଳବାଳା କଲେଜ ପାଚେରିରୁ ୨୦ଫୁଟ ଭିତକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଖେଳପଡିଆର କିଛି ଅଂଶ ରହିବ ବୋଲି ସୂଚନା ମିଳିଛି।

## ୨ ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ବାଙ୍କୀ,୨୪।୫(ସ୍ୱ.ପ୍ର.)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଶିମିଳିପୁର ସେବା ସମବାୟ ସମିତିରେ ମଙ୍ଗଳବାର ଧାନ ମଣ୍ଡି ଖୋଲାଯାଇଛି। ସହକାରୀ ନିବନ୍ଧକ ଜ୍ୟୋତିରଞ୍ଜନ ସେଠୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥିଭାବେ ଶିମିଳିପୁର ସରପଞ୍ଚ ଶିଶିର ବେହେରା, ସାମାଜିକ କର୍ମୀ ସନ୍ତୋଷ ସାହୁ ଓ ବିଭୁ ପ୍ରସାଦ ସାମଲ ଯୋଗଦେଇଥିଲେ। ମଣ୍ଡିରୁ ୭ ହଜାର ୫୦୦ କୁଇଣ୍ଟାଲ ଧାନ କିଣାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରଥମ ଦିନରେ ସମିତି ସମ୍ପାଦକ ଫକୀର ନାୟକଙ୍କ ତତ୍ତ୍ୱାବଧାନରେ ୧୧ ଜଣ ଚାଷୀଙ୍କଠାରୁ ୪୬୫ କୁଇଣ୍ଟାଲ ଧାନ କିଣାଯାଇଛି। ସେହିପରି ଡମପଡ଼ାସ୍ଥିତ ନିଜିଗଡ଼ ସେବା ସମବାୟ ସମିତିରେ ଧାନ ମଣ୍ଡିକୁ ସମିତିର ପୂର୍ବତନ ସଭାପତି ଆଇନଜୀବୀ ଗୌରୀଶଙ୍କର ନନ୍ଦ ଉଦ୍‌ଘାଟନ କରିଥିଲେ। ୨୩ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଚଳିତବର୍ଷ ଏଠାରୁ ୩ ହଜାର କୁଇଣ୍ଟାଲ ଧାନ କିଣାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

# 'ମହିମା ଧର୍ମ ପ୍ରଚାରରେ ଭୀମ ଭୋଇଙ୍କ ଅବଦାନ ଅବିସ୍ମରଣୀୟ'



ସାରସ୍ୱତ ସମାରୋହରେ କବି ବାସୁଦେବ ସୁନାନୀଙ୍କୁ ଭୀମ ଭୋଇ ସମ୍ମାନ ପ୍ରଦାନ କରାଯାଉଛି।

କଟକ ଅଫିସ, ୨୪।୫

**ସନ୍ଥକବି ଭୀମ ଭୋଇଙ୍କ ସ୍ମୃତିରେ ସାରସ୍ୱତ ସମାରୋହ**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ସନ୍ଥକବି ଭୀମ ଭୋଇଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ କଟକ ସାରଳା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରି କହିଥିଲେ, ଭୀମ ଭୋଇ ଜଣେ ଯୋଗଜନ୍ମା ଓ ପ୍ରତିଭାଶାଳୀ କବି ଥିଲେ। ମହିମା ଧର୍ମର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ବିଶ୍ୱ ସାହିତ୍ୟରେ ଭୀମ ଭୋଇ ଜଣେ ଅମ୍ଳାନ ପ୍ରତିଭା ବୋଲି ସେ କହିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. ସଂଘମିତ୍ରା ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସରଳ କବିତା ରଚନା କରିବାରେ ଭୀମ ଭୋଇଙ୍କର ଏକ ଅଲୌକିକ ଶକ୍ତି ଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଭୀମ ଭୋଇଙ୍କ ରଚନାରେ ଜାତୀୟ ଚେତନା ଓ ସମର୍ପଣଭାବ ପରିଲକ୍ଷିତ ହୁଏ। ଏହି ଅବସରରେ ସଂସଦ ପକ୍ଷରୁ କବି ଡ. ବାସୁଦେବ ସୁନାନୀଙ୍କୁ ଭୀମ ଭୋଇ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ, ସଂସଦର ସମ୍ପାଦକ ପ୍ରଫେସର ନିରଞ୍ଜନ ତ୍ରିପାଠୀ ସମ୍ପାଦକୀୟ ଅଭିବ୍ୟକ୍ତି, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ, ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ ଓ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

## ୧୫ କୁଇଣ୍ଟାଲ ଗୋମାଂସ ଜବତ, ଅଭିଯୁକ୍ତ ଗିରଫ

ନିଆଳି,୨୪।୫(ଡି.ଏନ୍.ଏ.)

ନିଆଳି ଥାନା ଅନ୍ତର୍ଗତ ହଳଦୀବସନ୍ତ ଛକଠାରେ ସୋମବାର ରାତିରେ ପୋଲିସ ଏକ ଗୋମାଂସ ବୋଝେଇ ମିନିଟ୍ରକ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ପୁରୀ ଜିଲା ନିମାପଡା ଥାନା ଅଧୀନ କଳାପାଞ୍ଚଣ ଗ୍ରାମରୁ ଏକ ମିନିଟ୍ରକ(ନଂ ଓଡ଼ି ୦୨ବିପି-୬୧୫୭)ରେ ଗୋମାଂସ କଟକ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ପରେ ହଳଦୀବସନ୍ତ ଛକଠାରେ ଗାଡି ଅଟକାଇ ଯାଞ୍ଚ କରିବାରୁ ସେଥିରେ ୧୫ କୁଇଣ୍ଟାଲ ଗୋମାଂସ ଥିବା ଜଣାପଡିଥିଲା। ଜବତ ମାଂସକୁ ଜେସିବି ସାହାଯ୍ୟରେ ପୋତାଯିବା ସହ ନିଆଳି ପ୍ରାଣୀ ଚିକିତ୍ସକ ଏହାର ନମୁନା ପରୀକ୍ଷା ପାଇଁ ପଠାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୨୨୫/୨୨) ରୁଜୁ ହୋଇଛି।

## ଚୋରି ଉଦ୍ୟମ, ଅଭିଯୁକ୍ତଙ୍କୁ ପୋଲିସ ଜିମା

ମାହାଙ୍ଗା,୨୪।୫(ସ୍ୱ.ପ୍ର.)

ମାହାଙ୍ଗା ଥାନା କୁମୁଡ଼ାଜୟପୁର ଫାଣ୍ଡି ଅନ୍ତର୍ଗତ କଲ୍ୟାଣପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ପଣ୍ଡ ହୋଇଛି। ଗ୍ରାମବାସୀ ଅଭିଯୁକ୍ତଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ସାଲେପୁର ଥାନା ରାଇସୁଙ୍ଗଡା ମଡ଼ଙ୍ଗା ଗ୍ରାମର ଲିପୁନ ସିଂହ। ଏହାପରେ ପୋଲିସ ତାଙ୍କୁ ଗିରଫ କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ୪ ଜଣ ଅଭିଯୁକ୍ତ ଚୋରି ଉଦ୍ଦେଶ୍ୟରେ ଶିକ୍ଷାବିତ୍ ସ୍ୱର୍ଗତ ଫକୀର ଚରଣ ମହାନ୍ତିଙ୍କ ଘର ଫାଟକର ମୁଖ୍ୟ ଗ୍ରିଲ୍ କାଟୁଥିଲେ। ଏହି ସମୟରେ ପଡିଶା ଲୋକେ ଉଠି ପଡିବାରୁ ୩ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଲିପୁନ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କୁ ଫାଣ୍ଡିରେ ଦିଆଯିବାପରେ ପୋଲିସ ପଚରାଉଚୁରା ଚଳାଇଛି।

## ମଦନମୋହନଙ୍କ ଚନ୍ଦନଯାତ୍ରା ଉଦ୍‌ଯାପିତ



ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

ତିଗିରିଆ, ୨୪।୫ (ଡି.ଏନ୍.ଏ.)

ତିଗିରିଆ ନୂଆପାଟଣାସ୍ଥିତ ମଦନମୋହନଙ୍କ ପ୍ରସିଦ୍ଧ ଚନ୍ଦନ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ, ସକାଳେ ଏବଂ ଅପରାହ୍ଣରେ ବହୁରୂପୀଙ୍କ ବିଶାଳ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ପୂର୍ବରୁ ଗ୍ରାମର ୧୮ଗୋଟି ସାହିର ପୂଜାମଣ୍ଡପରେ ହୋଇଥିବା ମେଢ଼ଗୁଡ଼ିକ ଚନ୍ଦନ ପୋଖରୀରେ ଏକାଠି ହୋଇଥିଲେ। ଏହାପରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିବ। ଚନ୍ଦନ ପୋଖରୀରେ ମଦନମୋହନଙ୍କ ମାଛବିନ୍ଧା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହାପରେ ମଦନମୋହନ ବିଜେସ୍ଥଳୀକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଗ୍ରାମ ସଭାପତି ପ୍ରକାଶ କୁମାର ଦାସ କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ତିଗିରିଆ ଥାନା ପୋଲିସ ପକ୍ଷରୁ ସେଠାରେ ଫୋର୍ସ ମୁତୟନ କରାଯାଇଛି।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

କଟକ ସଦର,୨୪।୫(ଡି.ଏନ୍.ଏ.)

ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବ୍ରହ୍ମପୁର କୁଳଦସାହିର ସୁବାଶିଷ ପଣ୍ଡା। ତାଙ୍କଠାରୁ ଏକ ସ୍କୁଟି, ୯୮୦ ଗ୍ରାମ ଗଞ୍ଜେଇ ଓ ୯ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୯୩/୨୨) ରୁଜୁ ହୋଇଛି। ସୋମବାର ସନ୍ଧ୍ୟାରେ ସୁବାଶିଷ ଏକ ସ୍କୁଟିରେ କାଠଯୋଡି ନଦୀବନ୍ଧରେ ଗଞ୍ଜେଇ ନେଇ ଆସୁଥିବାବେଳେ ପୋଲିସ ଅଟକାଇଥିଲା। ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା।

# ଖୁଣ୍ଟୁଣୀ, ଆଠଗଡ଼କୁ ମୋ ବସ୍ ଚଳାଇବାକୁ ଦାବି

ଖୁଣ୍ଟୁଣୀ,୨୪।୫(ଡି.ଏନ୍.ଏ.)

କଟକ ଜିଲାର ଆଠଗଡ଼ ସୀମା ନୂଆପାଟଣାଠାରୁ କଟକ ସହର ମାତ୍ର ୫ କିମି ଦୂର। ପୂର୍ବରୁ ଆଠଗଡ଼କୁ ଆସିବାକୁ ଗତ ୩ ବର୍ଷ ତଳେ ମଙ୍ଗୁଳି ଭାୟା ଖୁଣ୍ଟୁଣୀ ଦେଇ ବସ୍‌ରେ ୫୫ କିମି ଦୂର ହେଉଥିବା ବେଳେ କଟକରୁ ଖୁଣ୍ଟୁଣୀର ଦୂରତ୍ୱ ଥିଲା ୩୮ କିମି। ସେତେବେଳେ ୨/୩ଟି ଘରୋଇ ବସ୍ ଖୁଣ୍ଟୁଣୀରୁ କଟକ କିଛିଦିନ ଚାଲିବା ପରେ ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ବିଡ଼ାନାସୀ ସିଡିଏରୁ ନୂଆପାଟଣାକୁ ମଧୁସୂଦନ ସେତୁ ନିର୍ମାଣ ପରେ ଏବେ ଖୁଣ୍ଟୁଣୀରୁ କଟକ ଉଚ୍ଚ ନ୍ୟାୟାଳୟର ଦୂରତ୍ୱ ମାତ୍ର ୧୫ କିମି ଥିବାବେଳେ ବାଦାମବାଡିର ଦୂରତ୍ୱ ମାତ୍ର ୧୮ କିମି ଏବଂ ଆଠଗଡ଼ର ଦୂରତ୍ୱ ସେହି ଅନୁପାତରେ ମାତ୍ର ୨୫ କିମି ମଧ୍ୟରେ ସୀମିତ। କଟକ ବାଦାମବାଡିରୁ ଗୋଟିଏ ବସ୍ ଖୁଣ୍ଟୁଣୀ ଦେଇ ଆଠଗଡ଼ ଟାଉନଠାରୁ ଭାୟା ଘଣ୍ଟିଖାଲ ବାଟେ କଟକକୁ ଓ ଅନ୍ୟ ଏକ ବସ ଧବଳେଶ୍ୱର, ଘଣ୍ଟିଖାଲ ଦେଇ ଆଠଗଡ଼ଠାରୁ ଖୁଣ୍ଟୁଣୀ ବାଟେ କଟକକୁ ଚଳାଇବାକୁ ଦାବି ହେଉଛି। ଏଥିପ୍ରତି ଗୁରୁତ୍ୱ ଦେବାକୁ ଆଠଗଡ଼ ସବଡିଭିଜନ ସାମ୍ବାଦିକ ସଂଘ ଦାବି କରିଛି। ପୂର୍ବରୁ ମଧ୍ୟ କଟକ ଜିଲା ସାମ୍ବାଦିକ ସଂଘ ଓ ଆଠଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଏହି ଦାବି ନେଇ ପରିବହନ ମନ୍ତ୍ରୀ, ବିଧାୟକଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ହେଲେ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ। ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ଲଲାଟେନ୍ଦୁ ସେନାପତି, ସଚ୍ଚିଦାନନ୍ଦ ପଣ୍ଡା, ସର୍ବେଶ୍ୱର ପଣ୍ଡା, ବିଜୟ ନାୟକ, ମହେଶ ଦାସ ଓ ସନ୍ତୋଷ ବାରିକ ପ୍ରମୁଖ ଦାବି କରିଛନ୍ତି।

# ପାଇପ୍ ଫାଟି ରାସ୍ତାରେ ଜମୁଛି ପାଣି

ଚୌଦ୍ୱାର,୨୪।୫(ଡି.ଏନ୍.ଏ)

ପ୍ରତ୍ୟେକ ପରିବାରକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜନ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରୟାସ ଜାରି ରହିଛି। ଏ ନେଇ ଚୌଦ୍ୱାର ପୌରପାଳିକାର ପ୍ରତ୍ୟେକ ୱାର୍ଡରେ ବିଭାଗ ତରଫରୁ ପାଇପ ବିଛା କାର୍ଯ୍ୟଠାରୁ ଆରମ୍ଭ କରି ନୂତନ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ହେଲେ ପୌରପାଳିକାର ୧୭ନଂ ୱାର୍ଡ ନୂଆସାହି ଅଞ୍ଚଳରେ ଏକ ବିଡମ୍ବନାର ଦୃଶ୍ୟ ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳରେ ଜଳ ବିଭାଗ ତରଫରୁ ଦିନରେ ୨ଓଳି ପାନୀୟଜଳ ଯୋଗାଇ ଦିଆଯାଉଛି। ହେଲେ କଳିଙ୍ଗ ଛକ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ କାର୍ଯ୍ୟାଳୟରୁ ପାଣି ଯୋଗାଣ ପାଇଁ ଚାଲୁ କରାଯିବା ସମୟରେ ୱାର୍ଡରେ ବିଛା ଯାଇଥିବା ପାଣି ପାଇପ ବିଭିନ୍ନ ଜାଗାରୁ ଫାଟି ରାସ୍ତାରେ ପାଣି ଜମୁଥିବା ଦେଖିବାକୁ ମିଳିଛି। ଏହିପରି ୱାର୍ଡର ବିଭିନ୍ନ ସ୍ଥାନରୁ ପାଣି ଲିକ୍ ମଧ୍ୟ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପାଇପ ଫାଟି ପାଣି ରାସ୍ତାରେ ଦୀର୍ଘଦିନ ଧରି ଜମି ରହିବା ଦ୍ୱାରା ଯାତାୟାତରେ ବାଧା ଉପୁଜିବା ସହିତ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଥି ସହିତ ଲୋକଙ୍କ ଘରକୁ ଦିଆଯାଉଥିବା ପାଣି ପ୍ରେସର କମିଯିବା ଫଳରେ ଚାହିଦା ମୁତାବକ ପାଣି ଲୋକେ ପାଇପାରୁ ନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଶମ୍ଭୁନାଥ ସେଠୀଙ୍କୁ ପଚାରିବାରେ ନୂତନ ପାଇପ ବିଛା କାର୍ଯ୍ୟ ଚାଲୁଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ବେଳେ ଏହି ସମସ୍ୟାର ତୁରନ୍ତ ମରାମତି କାର୍ଯ୍ୟ କରାଯିବ ବୋଲି କହିଥିଲେ।



ରାସ୍ତାରେ ଜମି ରହିଥିବା ପାଣି।

# 'ବିଜ୍ଞାନ ତଥ୍ୟକୁ ସରଳ ଭାବେ ଉପସ୍ଥାପନ କରିଛନ୍ତି ଗୋକୁଳାନନ୍ଦ'

କଟକ ଅଫିସ,୨୪।୫




ଉଦ୍‌ଯାପନୀ ଉତ୍ସବରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସହ ଅନ୍ୟ ଅତିଥିବୃନ୍ଦ।

**ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ**

ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ର ଥିଲେ ଜଣେ ଲୋକପ୍ରିୟ ବିଜ୍ଞାନ ଲେଖକ, ଗବେଷକ ଓ ଶିକ୍ଷାବିତ୍। ବିଜ୍ଞାନର ଗୂଢ଼ତଥ୍ୟକୁ ସରଳ ଓ ସାବଲୀଳ ଭାବେ ଉପସ୍ଥାପନ କରି ସେ ପାଠକଙ୍କ ଆଦର ଲାଭ କରିଥିଲେ। ସେ ବିଜ୍ଞାନ ଜଗତର କିମ୍ବଦନ୍ତୀ ପୁରୁଷ ବୋଲି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ କଟକ ସାରଳା ଭବନଠାରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଜନ୍ମ ଶତବାର୍ଷିକୀ କମିଟି ଓ ଜିଏନ୍‌ଏମ୍ ଫାଉଣ୍ଡେଶନ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଏନ୍‌ଏମ୍ ଫାଉଣ୍ଡେଶନ୍‌ର ସଭାପତି ପ୍ରଫେସର ଡ. ଜେ. ପି. ଦାସ ଅଧ୍ୟକ୍ଷତା କରିଥିଲେ। ସେହିପରି ଆଇସିଟି ମୁମ୍ବାଇର ପୂର୍ବତନ କୁଳପତି ପ୍ରଫେସର ଡ. ଗଣପତି ଡି. ଯାଦବ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଭାରତୀୟ ବିଜ୍ଞାନ ଜଗତକୁ ଓଡ଼ିଶାର ଅବଦାନ ଅତୁଳନୀୟ। ଓଡ଼ିଶାରେ ଅଧିକ ବିଜ୍ଞାନାଗାର, ଗବେଷଣା କେନ୍ଦ୍ର ଓ ଶିଳ୍ପ ପ୍ରତିଷ୍ଠା ହୋଇପାରିଲେ ପ୍ରଫେସର ମହାପାତ୍ରଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଯାଦବ କହିଥିଲେ। ଏହି ଉତ୍ସବରେ ଜିଏନ୍‌ଏମ୍ ଫାଉଣ୍ଡେଶନ୍‌ର ସମ୍ପାଦକ ପ୍ରଫେସର ଡ. ଗିରିଜା ନନ୍ଦନ ମହାପାତ୍ର ସ୍ୱାଗତ ଭାଷଣ, ଶତବାର୍ଷିକୀ କମିଟି ସଭାପତି ଡ. ସତ୍ୟବାନ ଜେନା ଅତିଥି ପରିଚୟ, ଜିଏନ୍‌ଏମ୍ ଫାଉଣ୍ଡେଶନ୍‌ର ଉପସଭାପତି ଡ. ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଫେସର ଡ. ନିରଞ୍ଜନ ତ୍ରିପାଠୀଙ୍କୁ ଜିଏନ୍‌ଏମ୍ ଫାଉଣ୍ଡେଶନ୍‌ର ନୂତନ ସଭାପତି ଭାବେ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦୀପ୍ତି ଦାସ ସଂଯୋଜନା କରିଥିବାବେଳେ ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସଞ୍ଚାଳନ କରିଥିଲେ। ଉଦ୍‌ଯାପନୀ ଉତ୍ସବ ଅବସରରେ ବିଭିନ୍ନ ପର୍ଯ୍ୟାୟରେ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା। ଜନ୍ମ ଶତବାର୍ଷିକୀର ବିଭିନ୍ନ କାର୍ଯ୍ୟକ୍ରମ ଦେଶ ତଥା ରାଜ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୨୦୨୩ ମେ' ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଘୋଷଣା କରାଯାଇଥିଲା।